Digitized by srujanika@gmail.com

ନାରୀ-ପ୍ରତିଭା

ସୂର୍ଯ୍ୟନାରାୟଣ ଦାସ

ଓଡ଼ିଶା ବୁକ୍ ଷ୍ଟୋର

Digitized by srujanika@gmail.com

ଲେଖକ :

ଶ୍ରୀ ସୂର୍ଯ୍ୟନାରାୟଣ ଦାସ

ଏମ୍. ଏ. (ଓ. ଏସ୍. ଏସ୍.)

ପ୍ରକାଶକ :

ଶ୍ରୀ ଗୋବିନ୍ଦ ଚରଣ ପାତ୍ର

ଓଡ଼ିଶା ବୁକ୍ ଷ୍ଟୋର

ବିନୋଦ ବିହାରୀ, କଟକ—୨

ପ୍ରଥମ ସଂସ୍କରଣ

୧୯୭୫

ମୁଦ୍ରାକର :

ଶ୍ରୀ ମହେନ୍ଦ୍ର କୁମାର ବେହେରା

ମେଘମାଳା ପ୍ରିଣ୍ଟର୍ସ

କଟକ—୧

ମୂଲ୍ୟ : ଦୁଇଟଙ୍କା ପଚିଶ ପଇସା ମାତ୍ର

Digitized by srujanika@gmail.com

ସୁସାହିତ୍ୟିକା

ରାଜନୀତିନିପୁଣା

ନିଃସ୍ୱାର୍ଥପର ଜନନେତ୍ରୀ

ନାରୀ-ପ୍ରଗତିର ଆଲୋକ-ବର୍ତ୍ତିକା

ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ହାତରେ···

Digitized by srujanika@gmail.com

ସୂଚନା

ନାରୀଜାତି ଆଜି ଲାଞ୍ଛିତ, ଅବହେଳିତ ବୋଲି ସର୍ବତ୍ର ସ୍ୱର ଉଠିଛି; ଆନ୍ତର୍ଜାତୀୟ ଭିତ୍ତିରେ 'ମହିଳା-ସମ୍ବତ୍ସର' ପାଳିତ ହେଉଛି । କିନ୍ତୁ ସଭ୍ୟତା-ଇତିହାସର ପୃଷ୍ଠା ଆଲୋଡ଼ନ କଲେ ଦିବାଲୋକ ତୁଲ୍ୟ ସ୍ପଷ୍ଟ ପ୍ରତିଭାତ ହୁଏ ଯେ ଧର୍ମ, ସାହିତ୍ୟ, ସଂସ୍କୃତି, ରାଜନୀତି, ଶାସନ, ସଂଗ୍ରାମ, ବିଜ୍ଞାନ, ଜନସେବା, ସମାଜ-ସଂସ୍କାର ପ୍ରତ୍ୟେକ କ୍ଷେତ୍ରରେ ନାରୀ-ପ୍ରତିଭାର ପରିପ୍ରକାଶ ଅବ୍ୟାହତ ରହିଛି । ମାନବଜାତିର ଇତି-ହାସରେ ସୁନାମଧନ୍ୟା ନାରୀଗଣ କେବଳ ସନ୍ତାନ-ବତ୍ସଳା ଜନନୀ, ସୁଗୃହିଣୀ ଓ ପତିସେବାଧର୍ମ ପାଳନକାରିଣୀ ଆଦର୍ଶ ରମଣୀ ରୂପେ ପୂଜନୀୟା ହୋଇନାହାନ୍ତି, ତଦୁପରି ସେମାନେ ସନ୍ୟାସିନୀ ସାଜି ଆଧ୍ୟାତ୍ମିକତାର ବିକାଶ ଘଟାଇଛନ୍ତି; ଶାସନ-ରଜ୍ଜୁ ହସ୍ତରେ ଧରି ରାଷ୍ଟ୍ରପାଳନ କରିଛନ୍ତି; ରଣଚଣ୍ଡୀ ବେଶରେ ସମର ପ୍ରାଙ୍ଗଣରେ ଅବତୀର୍ଣ୍ଣ ହୋଇଛନ୍ତି; ନଭଶ୍ଚାରିଣୀ ଭାବରେ ମହାଶୂନ୍ୟ ଅଭିଯାନରେ ଯାଇଛନ୍ତି; ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଗୀତ, ଅଭିନୟ କଳା ସମସ୍ତ କ୍ଷେତ୍ରରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି । ସୁତରାଂ, ଯୁଗେ ଯୁଗେ ସଭ୍ୟତାର ବିକାଶରେ ନାରୀ-ଜାତିର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ତାହା ଅନସ୍ୱୀକାର୍ଯ୍ୟ ।

Digitized by srujanika@gmail.com

ନାରୀଜାତିର ଏହି ଅସାମାନ୍ୟ ପ୍ରତିଭା ଓ ଐତିହାସିକ ଅବଦାନ ସମ୍ପର୍କରେ ଆଜିର ଯୁବସମାଜକୁ ଅବହିତ କରାଇ ସଭ୍ୟତା ଓ ସଂସ୍କୃତିର ସାର୍ଥକତା ମୂଳରେ ନିହିତ ମହୀୟସୀ ମହିଳାଙ୍କର କୀର୍ତ୍ତିକଳାପ ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କରିବା ଉଦ୍ଦେଶ୍ୟରେ ପୃଥକ ପୃଥକ ଭାବରେ ସମଗୁଣସମ୍ପନ୍ନା ବରିଷ୍ଠା ନାରୀବୃନ୍ଦଙ୍କର ସଂକ୍ଷିପ୍ତ ଜୀବନୀ ଆଲୋଚନା ଲାଗି ଏହି 'ନାରୀ-ପ୍ରତିଭା' ପୁସ୍ତିକାମାଳାର ପରିକଳ୍ପନା । ଏହାର ପ୍ରଥମ ଭାଗରେ ଭକ୍ତିପ୍ରାଣା ଓ ସେବାପରାୟଣା ଦଶୋଟି ମହୀୟସୀ ଚରିତର ଅବତାରଣା କରାଯାଇଛି । ପରବର୍ତ୍ତୀ ଭାଗଗୁଡ଼ିକରେ ଦେଶସେବିକା ତଥା ଶାସନ ପରିଚାଳିକା, ଲେଖିକା ତଥା ସାହିତ୍ୟ-ସାଧିକା, କଳା ଓ ସଙ୍ଗୀତପ୍ରବୀଣା, ଶିକ୍ଷା ଓ ବିଜ୍ଞାନ କ୍ଷେତ୍ରରେ ସୁନାମଧନ୍ୟା ନାରୀମାନଙ୍କର ଜୀବନୀ ଓ କୃତିତ୍ୱ ଆଲୋଚନା କରିବାର ପ୍ରସ୍ତାବ ରହିଛି ।

ଏହି ଉଦ୍ୟମର ସାର୍ଥକତା ବିଜ୍ଞ ପାଠକସମାଜର ବିଚାର ସାପେକ୍ଷ । । ଇତି ।

ଝାଞ୍ଜିରୀମଙ୍ଗଳା
କଟକ-୯
ତା ୧ । ୧୨ । ୭୫

ବିନୀତ
ସୂର୍ଯ୍ୟନାରାୟଣ ଦାସ

ସୂଚୀ

୧ । ମୀରାବାଈ ୧
୨ । ଫ୍ଲରେନ୍ସ ନାଇଟିଙ୍ଗଲ ୮
୩ । ରମାବାଈ ରାନାଡେ ୧୪
୪ । ଆନି ବେଶାନ୍ତ ୨୧
୫ । ଭଗିନୀ ନିବେଦିତା ୨୮
୬ । ଶାରଦା ଦେବୀ ୩୫
୭ । ଶ୍ରୀ ମା ୪୧
୮ । କସ୍ତୁରବା ୪୮
୯ । ମଦର ଟେରେସା ୫୫
୧୦ । ଲଳିତା ଶାସ୍ତ୍ରୀ ୬୩

★

Digitized by srujanika@gmail.com

ଏହି ଲେଖକଙ୍କର

ଜୀବନୀ-ସମାଲୋଚନା—

ଯୁଗଜନକ ମହାତ୍ମା ଗାନ୍ଧୀ
ଯୁଗସ୍ରଷ୍ଟା ନେହରୁ
ଯୁଗଜ୍ୟୋତି ଲାଲବାହାଦୂର ଶାସ୍ତ୍ରୀ
ଯୁଗନେତ୍ରୀ ଇନ୍ଦିରା
ଯୁଗପୁରୁଷ ଗୋପବନ୍ଧୁ ଦାସ
ଯୁଗାଚାର୍ଯ୍ୟ ରାଜାଜୀ
ଯୁଗମାନବ ଜାକିର ହୁସେନ୍
ଯୁଗଦ୍ରଷ୍ଟା ରାଧାକୃଷ୍ଣନ
ଯୁଗଯୁଗର ଅମର ମଣିଷ (ପାଞ୍ଚଖଣ୍ଡ ସେଟ୍)
ମୌଲାନା ଆଜାଦ

ପ୍ରବନ୍ଧ ଓ ଐତିହାସିକ ସମାଲୋଚନା—

ଯୁଗେ ଯୁଗେ ଭାରତ
ଯୁଗେ ଯୁଗେ ଆଫ୍ରିକା
ଯୁଗେ ଯୁଗେ ନାରୀ
ସାଂପ୍ରତିକ ପ୍ରବନ୍ଧ
ସାଂପ୍ରତିକ ସମସ୍ୟା
ଜାତିସଂଘ

ଉପନ୍ୟାସ—

ମାନସ ମନ୍ଥନ
ଡାହାଣୀର ଆତ୍ମହତ୍ୟା
ସ୍ୱପ୍ନ ବଳୟ
ଶ୍ରୀମତୀ ବାବେଶ (ଅନୁବାଦ)

Digitized by srujanika@gmail.com

॥ ଏକ ॥

ଉତ୍ସର୍ଗିତ ଅମ୍ବାର ଅବତାର

ମିରାବାଈ

[୧୫୪୭—୧୬୧୪]

ଅତୀତ କାଳର କେତେକ ସାଧକ-ସାଧିକାଙ୍କର କୃତିତ୍ବ କାହାଣୀ ଏଭଳି ଅଦ୍ଭୁତ ଓ ଅଲୌକିକ ଯେ ତାହା ପଛରେ ଇତିହାସର ସମର୍ଥନ ରହିଥିଲେ ସୁଦ୍ଧା ସେଗୁଡ଼ିକ ପୁରାଣର ବର୍ଣ୍ଣନା ଠାରୁ ମଧ୍ୟ ଅଧିକ ଚମତ୍କାର ଓ ଚିତ୍ତାକର୍ଷକ । ଏହିସବୁ ଘଟଣାବଳୀ ସାମ୍ପ୍ରତିକ ପରିପ୍ରେକ୍ଷୀରେ କପୋଳକଳ୍ପିତ, ମନଗଢ଼ା ଓ ଅବାସ୍ତବ କାହାଣୀ ଭଳି ପ୍ରତୀତ ହୁଏ ସତ, କିନ୍ତୁ ତାହା ନିରାଟ ବାସ୍ତବ ଏବଂ ଇତିହାସ ସ୍ୱୀକୃତ ସତ୍ୟ ଅଟେ । ତ୍ୟାଗ ପରିପୂର୍ଣ୍ଣା, ଭକ୍ତିପ୍ରାଣା ନାରୀ କବି ମିରାବାଈଙ୍କର ଜୀବନଚରିତ ଏହିଭଳି ଆମ ଇତିହାସର ଏକ ଅଲୌକିକ କାହାଣୀ ।

ପୁରାଣର ଦୁଷ୍ଟ ନାୟକ ହିରଣ୍ୟକଶିପୁ ନିଜର ଭକ୍ତ ପ୍ରହଲ୍ଲାଦଙ୍କ ପ୍ରତି ନିଷ୍ଠୁର ଆଚରଣ କରି ମଧ୍ୟ ତାଙ୍କର କିଛି କ୍ଷତି କରିପାରି ନଥିଲା, ପ୍ରତି ପଦେ ପଦେ ପ୍ରହଲ୍ଲାଦ ନିଜର ଦେବ ନାରାୟଣଙ୍କର ସାହାଯ୍ୟ ଓ ଆଶୀର୍ବାଦ ପାଇଥିଲେ, ମିରାବାଈ ସେହିପରି ଭଗବାନଙ୍କର ଚରଣ ତଳେ ନିଜକୁ ସମର୍ପିତ କରିଦେଇ ସେହି ଦିବ୍ୟହସ୍ତର କରାମତି ବଳରେ ବିଭିନ୍ନ ଆକ୍ରମଣ

Digitized by srujanika@gmail.com

ଓ ଅତ୍ୟାଚାରର କବଳରୁ ନିର୍ବିଘ୍ନରେ ମୁକ୍ତ ପାଇଥିଲେ । ଭକ୍ତର ଆକୁଳପ୍ରାର୍ଥନା ଶୁଣି ପ୍ରଭୁ ନାରାୟଣ ଯେପରି ନୃସିଂହ ଅବତାର ଧାରଣ କରି ହିରଣ୍ୟକଶିପୁଙ୍କୁ ବିଦାରଣ କରିଥିଲେ, ସେହିପରି ମୀରାବାଈଙ୍କର ତ୍ରାଣକର୍ତ୍ତା ଭକ୍ତବତ୍ସଳ 'ଗିରିଧର ଗୋପାଳ'ଙ୍କ ରୋଷ ଦୃଷ୍ଟିରେ ସମଗ୍ର ଚିତୋର ଗଡ଼ରେ ମଧ୍ୟ ହଠାତ୍ ଭୟାବହ ଦୁର୍ଭିକ୍ଷ ଓ ମହାମାରୀର ପ୍ରାଦୁର୍ଭାବ ଦେଖା ଦେଇଥିଲା ।

୧୫୪୭ ମସିହାରେ ମେୱାରର ରାଣା ରତନ ସିଂହଙ୍କର ରାଜପରିବାରରେ ମୀରାବାଈଙ୍କର ଜନ୍ମ । ରାଣା ରତନ ସିଂହ ଥିଲେ ଜଣେ ବିକ୍ରମଶାଳୀ ଶାସକ । ସେ ବାହୁବଳରେ ମାଳବ ଜୟକରି ନିଜ ଶାସନାଧୀନ କରିଥିଲେ । ରତନ ସିଂହଙ୍କର ପତ୍ନୀ ରାଣୀ ପଦ୍ମିନୀ ଥିଲେ ଅପୂର୍ବ ସୁନ୍ଦରୀ । ତାଙ୍କ ରୂପର ଆକର୍ଷଣରେ ବହୁ ପଡ଼ୋଶୀ ରାଜା ମେୱାର ଆକ୍ରମଣ ପାଇଁ ଉଦ୍ୟମ କରିଥିବାର ବିବରଣୀ ମଧ୍ୟ କେତେକ ଇତିହାସରୁ ମିଳେ । ଏଥିରେ ସତ୍ୟତା ଥାଉ ବା ନ ଥାଉ, ମୀରାବାଈଙ୍କଠାରେ ଯେ ପିତାଙ୍କର ଗୌରବ ଓ ମାତାଙ୍କର ରୂପ-ସୁଷମାର ସମନ୍ୱୟ ଘଟିଥିଲା ଏହା କହିବା ବାହୁଲ୍ୟ ମାତ୍ର ।

ମୀରାବାଈ ଅତି ବାଲ୍ୟବୟସରୁ ଆଶ୍ଚର୍ଯ୍ୟଜନକ ଭାବରେ ଶ୍ରୀକୃଷ୍ଣ ଭକ୍ତ ସାଜିଥିଲେ । ତାଙ୍କର ଏକ ସ୍ପଷ୍ଟ ଧାରଣା ଜନ୍ମିଥିଲା ଯେ ସେ ପୂର୍ବଜନ୍ମରେ ଗୋପୀ ରୂପରେ ଶ୍ରୀକୃଷ୍ଣଙ୍କର ସାନ୍ନିଧ୍ୟ ପାଇଥିଲେ । ପାରମ୍ପରିକ ଚଳଣି ଅନୁସାରେ ଆଠ ବର୍ଷ ବୟସରେ ଉଦୟପୁରର ଇତିହାସ ପ୍ରସିଦ୍ଧ ରାଜା ମହାରାଣା ପ୍ରତାପ ସିଂହଙ୍କ ଭ୍ରାତା ଭୋଜରାଜାଙ୍କ ସହିତ ତାଙ୍କର ବିବାହ ସମ୍ପନ୍ନ ହୋଇଥିଲା । ପାଲିଙ୍କିରେ ବସି ସେ ଶ୍ୱଶୁରାଳୟକୁ ଯିବା ସମୟରେ ମୀରାବାଈ କୌଣସି ବସନ ଭୂଷଣ ବା ଧନସମ୍ପତ୍ତି

Digitized by srujanika@gmail.com

ନ ମାଗି କେବଳ ଶ୍ରୀ ଗିରଧାରୀଙ୍କ ମୂର୍ତ୍ତିଟି ଯୌତୁକ ନେଇଥିଲେ ।
ତାଙ୍କର ସେହି ବିଦାୟକାଳୀନ ମୁହୂର୍ତ୍ତର ନାରୀ-ସୁଲଭ ଆକୁଳ
ପ୍ରାର୍ଥନା ଥିଲା—

"ହେ ମା ଶିରୀ ଗିରଧାରୀ,
ଭୂଷଣ ବସନ ମୋହେ ନହିଁ ଭାବେ
ନା ମାଗୁଁ ଭବନ ଅଟ୍ଟାର
ଗିରଧର ଚରଣ କମଲ କା ସୌଗନ୍ଧ
ମୋହେ ପ୍ରାଣ ସେ ପ୍ୟାର !

ମିରାବାଈଙ୍କର ଆବିର୍ଭାବ ବେଳକୁ ରାଣା ରତନ ସିଂହଙ୍କର ରାଜ କ୍ଷମତା ଚାଲି ଯାଇଥିଲା ଏବଂ ତାଙ୍କର ଭାଇ ବିକ୍ରମଜିତ୍ (୧୫୩୨-୩୬) ପାଞ୍ଚବର୍ଷ ରାଜତ୍ୱ କରିସାରିଲା ପରେ କନିଷ୍ଠତମ ଭ୍ରାତା ଉଦୟ ସିଂହ ରାଜତ୍ୱ କରିଥିଲେ । ଉଦୟ ସିଂହଙ୍କର କନିଷ୍ଠ ପୁତ୍ର ଭୋଜରାଜଙ୍କ ସହିତ ତାଙ୍କରବୈବାହିକ ବନ୍ଧନ ସଙ୍ଘଟିତ ହୋଇଥିଲା । ରାଜଦୁଲାରୀ ମିରାବାଈ ରାଜ ପରିବାରର ବଧୂ ହୋଇ ସୁଦ୍ଧା ଭୋଗବିଳାସ ପ୍ରତି ଅନୁରକ୍ତି ପ୍ରକାଶ କରିବା ପରିବର୍ତ୍ତେ ଅଖଣ୍ଡ ଭକ୍ତିର ଉତ୍ସ ପାଲଟିଥିଲେ । ବିବାହ ପରେ ମିରାବାଈ ଓ ଭୋଜରାଜ ସାଂସାରିକ ବନ୍ଧନରେ ଆବଦ୍ଧ ହେବା ବଦଳରେ ସ୍ୱାମୀ ସ୍ତ୍ରୀ ନିକଟରେ ଭକ୍ତ ସାଜିଥିଲେ ଏବଂ ତାଙ୍କ ପାଇଁ ଏକ ନୂତନ ପ୍ରାସାଦ ତୋଳି ଦେଇଥିଲେ, ଯେଉଁଠି ବହୁ ସାଧୁସନ୍ଥଙ୍କର ସମାଗମରେ ପ୍ରତ୍ୟହ ଭଜନ, ଜଣାଣ ଓ ସଙ୍କୀର୍ତ୍ତନ ଅନୁଷ୍ଠିତ ହେଉଥିଲା ।

କଥାରେ ଅଛି, 'ଈଶ୍ୱରେଚ୍ଛା ନିରଙ୍କୁଶା' । ମିରାବାଈଙ୍କର ସ୍ୱାମୀଙ୍କର ଅକାଳ ମୃତ୍ୟୁ ଫଳରେ ଶାସନ କ୍ଷମତା ତାଙ୍କର କନିଷ୍ଠ ଭ୍ରାତା (ପ୍ରତାପ ସିଂହଙ୍କର କନିଷ୍ଠ ପୁତ୍ର) ଅମର ସିଂହଙ୍କ ହାତକୁ

Digitized by srujanika@gmail.com

ଚାଲି ଯାଇଥିଲା । ଅମର ସିଂହ ମିରାବାଈଙ୍କୁ ନାନାବିଧ ଯନ୍ତ୍ରଣା ଦେଉଥିଲେ । ସେ ତାଙ୍କୁ ଶରଶଯ୍ୟା ଉପରେ ନିକ୍ଷେପିତ କରିଥିଲେ । ବିଷ ପ୍ରୟୋଗ ଏବଂ ସର୍ପାଘାତ ଦ୍ୱାରା ହତ୍ୟା କରିବା ପାଇଁ ମଧ୍ୟ ଉଦ୍ୟମ କରିଥିଲେ । କିନ୍ତୁ ପ୍ରଭୁ ଅନନ୍ତଙ୍କ କରୁଣା ବଳରେ ବଳବନ୍ତର ସମସ୍ତ ଅପଚେଷ୍ଟା ବ୍ୟର୍ଥ ହୋଇଥିଲା । ତାଙ୍କର ଉତ୍ତୁଙ୍ଗ ଭକ୍ତିଶିଖା ସମଗ୍ର ଆର୍ଯ୍ୟ ଭୂଖଣ୍ଡକୁ ଆଲୋକିତ କରି ଦେଇଥିଲା । ମହାରାଜା ଆକବର ଓ ସଙ୍ଗୀତ ସମ୍ରାଟ ତାନ୍‌ସେନ ଛଦ୍ମବେଶରେ ଆସି ମିରାବାଈଙ୍କର ସୁଲଳିତ ପ୍ରାର୍ଥନା-ସଙ୍ଗୀତ ଶୁଣୁଥିଲେ ବୋଲି ମଧ୍ୟ କେତେକ ଐତିହାସିକ ମତ ଦିଅନ୍ତି । ମିରାବାଈଙ୍କର ଏଭଳି ସୁଖ୍ୟାତି ବୃଦ୍ଧି ଫଳରେ ରାଜା ଅମର ସିଂହ ଅଧିକ ଅସହିଷ୍ଣୁ ହୋଇ ପଡ଼ିଥିଲେ ଏବଂ ତାଙ୍କର ନିବାସ ସଦନକୁ ଅର୍ଦ୍ଧରାତ୍ରରେ ଅଗ୍ନିସଂଯୋଗ ପୂର୍ବକ ଧ୍ୱଂସ କରିଦେବା ପାଇଁ ଚେଷ୍ଟା କରିଥିଲେ । ମିରାବାଈ ସେଥିରୁ ମଧ୍ୟ ନିର୍ବିଘ୍ନରେ ଆତ୍ମରକ୍ଷା କରି ପାରିଥିଲେ ।

କିନ୍ତୁ ଏହିଭଳି ରାଜମାତ ଆକ୍ରମଣ ଓ ଅତ୍ୟାଚାର କବଳରୁ ନିଜକୁ ଦୂରେଇ ରଖିବାକୁ ଯାଇଁ ଶେଷରେ ମିରାବାଈ ଚିତୋର ଛାଡ଼ି ବୃନ୍ଦାବନ ଚାଲି ଯାଇଥିଲେ । ସେଠାରେ ସନ୍ଥ ହରିଦାସ ଓ ଜୀବାନନ୍ଦ ଗୋସ୍ୱାମୀ ପ୍ରମୁଖ କୃଷ୍ଣଭକ୍ତଗଣ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିଥିଲେ ଏବଂ ସ୍ୱୟଂ ଶ୍ରୀକୃଷ୍ଣଙ୍କର ଗୋପିକା ରୂପରେ ପୂଜା କରିଥିଲେ । ସେଠାରୁ ମିରାବାଈ ବାଙ୍କବିହାରୀ, ଗୋବିନ୍ଦ ଜୀ, ମଦନମୋହନ ଜୀ ପ୍ରଭୃତି ମନ୍ଦିରକୁ ଯାଇ ତାଙ୍କର ଭଜନ ଗାଉଥିଲେ ଓ ଅଗଣିତ ଶ୍ରୋତାଙ୍କୁ ଭକ୍ତିରସାମୃତ ପାନ କରାଉ-ଥିଲେ । ସେହି ସୁଲଳିତ ଭଜନମାଳା ମାଧ୍ୟମରେ ଲୋକମାନଙ୍କର ହୃଦୟକୁ ଜୟ କରି ତାଙ୍କୁ କୃଷ୍ଣଭକ୍ତିର ସାର୍ଥକତା ସମ୍ବନ୍ଧରେ ଶିକ୍ଷା

Digitized by srujanika@gmail.com

ହେଉଥିଲେ । ସେ ନିଜେ ଉପଲବ୍ଧି କରିଥିଲେ ଏବଂ ଭଜନାବଳୀ ମାଧ୍ୟମରେ ତାଙ୍କ ଅନୁଭୂତି ପ୍ରକାଶ କରି କହୁଥିଲେ ଯେ ଭଗବାନଙ୍କର ସାନ୍ନିଧ୍ୟ ଲାଭ କରିବାକୁ ହେଲେ ଭକ୍ତକୁ ସାଂସାରିକ ମୋହ-ମାୟା, ଭୋଗବିଳାସ ତ୍ୟାଗକରି ଭଗବାନଙ୍କ ଚରଣରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବାକୁ ପଡ଼ିବ । 'ମୀରା-ଭଜନ'ର ଗୋଟିଏ ପଦରୁ ଏହାର ଯଥାର୍ଥତା ପ୍ରତିପାଦିତ ହେବ ।

"ମେରେ ତୋ ଗିରିଧର ଗୋପାଳ, ଦୁସରା ନା କୋୟି,
ଯା କେ ଶିର୍ ମୋର୍ ମୁକୁଟ୍ ମେରା ପତି ସୋହି,
ତାତ୍, ମାତ୍, ଭ୍ରାତ୍, ବନ୍ଧୁ, ଅପ୍‌ନୋ ନା କୋୟି,
ଛୋଡ଼୍ ଦେଇ କୁଲ୍ କି କାନ୍ କା, କରେଗୋ କୋୟି,
ସନ୍ତାନ ଧୀକ୍, ବୈଠ ବୈଠ ଲୋକ୍ ଲାଜ ଖୋୟି,
ଚୁନ୍ଦର କେ କିଏ ଟୁକ୍ ଓଢ଼ ଲି ଲୋୟି,
× × ×
ଅବ୍ ତୋ ବେଲ୍ ଫିଲ୍ ଗୟି, ଆନନ୍ଦ ଫେଲ୍ ହୋୟି,
ଦୁଧ୍‌କି ମନ୍ଥନେସ୍ୟନ୍ ବଡ଼୍ ହେ ପ୍ରେମ ସେ ବିଲୋୟି,
ମଖନ୍ ଜବ୍ କାଡ଼୍ ଲିୟେ, ଛାଛ୍ ପିୟେ କୋୟି,
ଭକ୍ତ ଦେଖ୍ ରାଜି ହୋୟି, ଜଗତ୍ ଦେଖ୍ ରୋୟି,
ଦାସୀ ମିରା ଗିରିଧର ପ୍ରଭୋଃ ତେରେ ଅବ୍ ମୋୟି ।"

ମିରାବାଈଙ୍କର ଶେଷ ଜୀବନ ସାଧୁସନ୍ଥଙ୍କ ସଂସର୍ଗରେ ଦ୍ୱାରକା ଧାମରେ ଅତିବାହିତ ହୋଇଥିଲା । ସେତେବେଳକୁ ଚିତୋର ରାଜଧାନୀରେ ଘୋର ଦୁର୍ଦ୍ଦିନ ଘୋଟିଥିଲା । ଦୁର୍ଭିକ୍ଷ ଓ ମହାମାରୀରେ ରାଜ୍ୟବାସୀ ତଳ ପଳ ପଡ଼ୁଥିଲେ । ମୋଗଲ ସମ୍ରାଟ ଆକବର ରାଣା ଅମର ସିଂହଙ୍କର ଗର୍ବ ଭଙ୍ଗ କରିବା ଉଦ୍ଦେଶ୍ୟରେ ୧୫୯୯ ରେ ଚିତୋର ଆକ୍ରମଣ କରିଥିଲେ ଏବଂ

Digitized by srujanika@gmail.com

ରାଣା ଅମର ସିଂହ ସେନାପତି ମାନସିଂହଙ୍କ ନିକଟରେ ପରାଜୟ ସ୍ୱୀକାର କରିଥିଲେ । ନିଜର ଅସୁସ୍ଥତା ବଶତଃ ଆକବର ମେୱାର ଦଖଲ ସେତିକିରେ ସ୍ଥଗିତ ରଖିଥିଲେ ସିନା, ତାଙ୍କ ପରେ ୧୬୦୫ ରେ ଜାହାଙ୍ଗିର ସିଂହାସନାରୋହଣ କଲାପରେ ଚିତୋର ପୁନରାକ୍ରମଣ ସୂଚନା ମିଳିଥିଲା ।

ସେହି ଅବସ୍ଥାରେ ରାଣା ଅମର ସିଂହ ମିରାବାଈଙ୍କୁ ଚିତୋରକୁ ନିମନ୍ତ୍ରଣ କରି ଆଣିବା ଲାଗି ତାଙ୍କ ନିକଟକୁ ଏକ ରାଜପ୍ରତିନିଧିଦଳ ପଠାଇଥିଲେ । ସେମାନେ ଦ୍ୱାରକାପୀଠକୁ ଯାଇ ଚିତୋର ଫେରିଯିବା ପାଇଁ ମିରାବାଈଙ୍କୁ ଖୁବ୍ ପ୍ରବର୍ତ୍ତାଇ ଥିଲେ । ସେଥିରେ ସେ ରାଜି ନ ହେବାରୁ ପ୍ରତିନିଧିଦଳ ତାଙ୍କ ସମ୍ମୁଖରେ ଆତ୍ମବିସର୍ଜନ କରିବେ ବୋଲି କହି ମଧ୍ୟ ପ୍ରଭାବ ପକାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ତା ସତ୍ତ୍ୱେ ସେହି ପ୍ରସ୍ତାବରେ ସ୍ୱୀକୃତ ନ ହୋଇ ମିରାଦେବୀ ଉପସ୍ଥିତ ପରିସ୍ଥିତିରୁ ନିଜକୁ ଉଦ୍ଧାର କରିବା ଲାଗି ଦେବତାଙ୍କ ପ୍ରତିମା ନିକଟରେ ଜଣାଣ କରିଥିଲେ ଏବଂ ତାଙ୍କୁ ଇହଧାମରୁ ନେଇଯିବା ପାଇଁ ଅନୁରୋଧ କରିଥିଲେ । ସଙ୍ଗେ ସଙ୍ଗେ ମିରାବାଈଙ୍କର ଇଚ୍ଛା ପୂରଣ ହୋଇଥିଲା । ତାଙ୍କ ଶରୀରରୁ ପ୍ରାଣବାୟୁ ଉଡ଼ି ଯାଇଥିଲା, ସତେ ଯେମିତି ନିର୍ଜୀବ ପ୍ରତିମା ହସ୍ତ ପ୍ରସାରି ପ୍ରିୟତମା ଭକ୍ତଙ୍କୁ ନିଜ କୋଳକୁ ଆଲିଙ୍ଗନ କରି ନେଇଥିଲେ ଓ ଭକ୍ତର ଆତ୍ମାକୁ ଦିବ୍ୟ ଆତ୍ମାରେ ଲୀନ କରି ଦେଇଥିଲେ ।

ଏହା ପରେ ୧୬୧୫ ମସିହାରେ ଚିତୋରର ପତନ ଘଟିଥିଲା । ରାଣା ଅମର ସିଂହ ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କର ଆଧିପତ୍ୟ ସ୍ୱୀକାର କରିଥିଲେ ।

Digitized by srujanika@gmail.com

ପ୍ରକୃତରେ କହିବାକୁ ଗଲେ, ମିରାବାଈ ଏହି ଧରାଧାମରେ କୃଷ୍ଣଭକ୍ତି ସଞ୍ଚାର କରିବା ଉଦ୍ଦେଶ୍ୟରେ ଯେମିତ ଦେବତାଙ୍କର ଅଂଶ ନେଇ ଜାତ ହୋଇଥିଲେ । ତାଙ୍କ ଯୋଗୁଁ ହିନ୍ଦୁଧର୍ମର ଅବମୂଲ୍ୟାୟନ କାଳରେ ଭାରତ ଭୂଖଣ୍ଡରେ ବହୁ କୃଷ୍ଣପ୍ରେମୀଙ୍କର ଆବିର୍ଭାବ ସମ୍ଭବ ହୋଇ ପାରିଥିଲା । ତାନ୍‌ପୁରର ସୁରେ ସୁରେ ଅନ୍ତରତମ ପ୍ରଦେଶର ଆହ୍ୱାନ ବାଣୀ ଶୁଣି ସତେ ଯେପରି ଗୋପପୁରର ଶ୍ରୀକୃଷ୍ଣ ବଂଶୀବାଦନପୂର୍ବକ ମିରାବାଈଙ୍କ ହୃଦ-କମଳରେ ବିରାଜମାନ କରିଥିଲେ ।

ଏଥିଯୋଗୁଁ ହିଁ ୧୬୧୪ ମସିହାରୁ ତାଙ୍କର ପରଲୋକ ଘଟିଥିଲେ ସୁଦ୍ଧା ମିରାବାଈଙ୍କ ନାମ ଓ ତାଙ୍କର ଭଜନମାଳା ଅଦ୍ୟାବଧି ଭକ୍ତ-ସମାଜର ହୃଦ-ଭଣ୍ଡାରରେ ଦିବ୍ୟରତ୍ନ ଭୁଲ୍ୟ ଝଟକୁ ଅଛି । ତାଙ୍କର ଜଣେ ଜୀବନୀପ୍ରଣେତାଙ୍କର ଭାଷାରେ ପ୍ରକାଶ କଲେ, "ଏହି ଧରାପୃଷ୍ଠର ସୁପ୍ତ ଜନତାକୁ ଜାଗ୍ରତ କରି ଦିବ୍ୟ-ସଦନ ଆଡ଼କୁ ବାଟ କଢ଼ାଇ ନେବାଲାଗି ସେ ଅବତାର ଗ୍ରହଣ କରିଥିଲେ ।" ଆମ ଜାତିର ଜନକ ମହାତ୍ମାଗାନ୍ଧୀ ସତ୍ୟାଗ୍ରହ ଶକ୍ତି ସମ୍ବନ୍ଧରେ ସୂଚନା ଦେବାକୁ ଯାଇ ମଧ୍ୟ ସ୍ପଷ୍ଟ ଭାଷାରେ ଉଲ୍ଲେଖ କରିଥିଲେ ଯେ 'ସତ୍ୟାଗ୍ରହ ଏକ ଧାର୍ମିକ ଅସ୍ତ୍ର ଏବଂ ତାହା ପ୍ରହଲ୍ଲାଦ ଓ ମିରାବାଈଙ୍କ ଭଳି ଧର୍ମପରାୟଣ ବ୍ୟକ୍ତି କେବଳ ବ୍ୟବହାର କରି ପାରିବେ ।' ବାସ୍ତବରେ, ମିରାବାଈଙ୍କର ଧର୍ମବଳ ବା ଆତ୍ମଶକ୍ତି ଥିଲା ଅସାଧାରଣ । ତାଙ୍କ ଭକ୍ତିମୂଳକ ରଚନାବଳୀର ମୂଲ୍ୟ ଅକଳନ ଓ ସେ ସ୍ୱର—ଲଳିତ୍ୟର ପ୍ରଭାବ ଅପରିସୀମ ।

—୦—

Digitized by srujanika@gmail.com

॥ ଦୁଇ ॥

ପରାର୍ଥପ୍ରାଣା ଆଲୋକଧାରିଣୀ ରମଣୀ

ଫ୍ଲୋରେନ୍ସ ନାଇଟିଙ୍ଗେଲ

[୧୮୨୦—୧୯୧୦]

ତରୁଣୀ ଫ୍ଲୋରେନ୍ସଙ୍କର ଅଙ୍ଗରେ ଯେବେ ଯୌବନର ତରଙ୍ଗ ଛୁଟୁଥିଲା । ସୁଡୌଲ ଚେହେରା, ଗୌରବର୍ଣ୍ଣା, ସ୍ମିତହାସ୍ୟବଦନା, କୃଶାଙ୍ଗିନୀ ରମଣୀର ରୂପ ଲାବଣ୍ୟରେ ବିମୋହିତ ହୋଇ ବହୁ ସୁଶ୍ରୀ, ପ୍ରତିଷ୍ଠାବାନ୍ ଯୁବକ ତାଙ୍କୁ ଜୀବନ-ସଙ୍ଗୀ କରିବା ଲାଗି ଆଗ୍ରହୀ ହୋଇ ଉଠିଥିଲେ । କିନ୍ତୁ ଫ୍ଲୋରେନ୍ସଙ୍କର ଜୀବନର ଏକମାତ୍ର ଉଦ୍ଦେଶ୍ୟ ଥିଲା ମାନବ ସେବା । ତାକୁ ସେ ନିଜର ଶ୍ରେଷ୍ଠ କର୍ତ୍ତବ୍ୟ ତଥା ଭଗବାନଙ୍କର ବିଧାନ ରୂପେ ମାନି ନେଇଥିଲେ । ତେଣୁ ସେ ବୈବାହିକ ବନ୍ଧନରେ ଆବଦ୍ଧ ରହି ନିଜର ଅଦମ୍ୟ ଉତ୍ସାହ ଓ ମହତ୍ ଉଦ୍ଦେଶ୍ୟ ପ୍ରତି ଅନ୍ୟାୟାଚରଣ କରିବାକୁ ଚାହିଁ ନ ଥିଲେ । ବିବାହକୁ ସେ ନାପସନ୍ଦ କରୁଥିଲେ । ସେଥିରେ ବହୁ ଆଗ୍ରହୀ ତରୁଣ ନୈରାଶ୍ୟର ଶିକାର ହୋଇଥିଲେ । ତେବେ, ନାରୀ ଓ ପୁରୁଷ ମଧ୍ୟରେ ବିବାହ ବିନା ଉତ୍ତମ ସମ୍ପର୍କ ରହି ପାରିବ ନାହିଁ—ଏହି ଧାରଣାକୁ ସେ ଘୃଣା କରୁଥିଲେ । ତାଙ୍କର ଦୃଢ଼ ଧାରଣା ରହିଥିଲା ଯେ ନାରୀ ଓ ପୁରୁଷମାନଙ୍କ ମଧ୍ୟରେ ବିବାହ ବିନା ମଧ୍ୟ ସୁସମ୍ପର୍କ ଅବ୍ୟାହତ ରହି ପାରିବ ।

Digitized by srujanika@gmail.com

ଫ୍ଲୋରେନ୍ସ ନାଇଟିଙ୍ଗେଲ ଯେଉଁ ସମୟରେ ମାନବ ସେବାକୁ ନିଜର ବୃତ୍ତି ରୂପେ ଗ୍ରହଣ କରି ନେଇଥିଲେ, ସେତେବେଳର ସମାଜ ସେବିକା—ବୃତ୍ତିକୁ ଅତି ହେୟ ଦୃଷ୍ଟିରେ ଦେଖୁଥିଲା । ଲୋକେ ସେବିକାମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଥିଲେ ଏବଂ ତାଚ୍ଛଲ୍ୟ କରୁଥିଲେ । ସେହି ଅବସ୍ଥାରେ ହେୟ ଓ ଘୃଣ୍ୟ ବିବେଚିତ ହେଉଥିବା ସେବିକା ବୃତ୍ତିରେ ଆତ୍ମନିୟୋଗ କରି ସେ ଯେଉଁ ଅଗାଧ ତ୍ୟାଗ ଓ ଅସାଧାରଣ ସେବା ମନୋଭାବର ପରିଚୟ ପ୍ରଦାନ କରି ଯାଇଛନ୍ତି, ତାହା ଆଗାମୀ ଯୁଗ ଯୁଗ ପାଇଁ ଯେ ଇତିହାସରେ ଆଦର୍ଶ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ । କେବଳ ଏତିକି ନୁହେଁ, ଆମର ଆଧୁନିକ ସେବାମୂଳକ ବିଭିନ୍ନ ସଂସ୍ଥାମାନଙ୍କରେ ଏହି ରମଣୀଙ୍କର ଅକ୍ଳାନ୍ତ ଶ୍ରମ ଓ ସେବାଦର୍ଶ ନିତାନ୍ତ ଅନୁସରଣୀୟ ।

୧୮୨୦ ମସିହା ମଇ ମାସ ୧୨ ତାରିଖରେ ଇଟାଲୀର ଫ୍ଲୋରେନ୍ସ ନଗରୀରେ ତାଙ୍କର ଆବିର୍ଭାବ ଘଟିଥିଲା । ଜନ୍ମସ୍ଥାନର ନାମାନୁସାରେ ପିତାମାତା କନ୍ୟାଟିର ନାମ ରଖିଥିଲେ ଫ୍ଲୋରେନ୍ସ । ବାଲ୍ୟ ବୟସରୁ ଅତି ଅସ୍ୱାଭାବିକ ଭାବେ ଫ୍ଲୋରେନ୍ସ ଚିକିତ୍ସାଳୟର ସେବିକାବୃତ୍ତି ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । କନ୍ୟାଟିର ସେହି ମନୋଭାବ ଲକ୍ଷ୍ୟ କରି ସମ୍ଭ୍ରାନ୍ତ ବଂଶୀୟ ବିତ୍ତବାନ୍ ପିତାମାତା ଖୁବ୍ ଚିନ୍ତିତ ହୋଇ ପଡ଼ିଥିଲେ ଏବଂ ତାଙ୍କୁ ନିଜର ଏକ ସମ୍ପର୍କୀୟ ପରିବାର ସହିତ ବିଦେଶ ପର୍ଯ୍ୟଟନରେ ପଠାଇ ଦେଇଥିଲେ ।

ଫ୍ଲୋରେନ୍ସ ବ୍ରାସେବ୍ରିଜ୍‌ଙ୍କ ପରିବାର ସହିତ ରୋମ, ଜର୍ମାନୀ, ସାଇପ୍ରସ, ମିଶର, ପେରିସ୍ ପ୍ରଭୃତି ସ୍ଥାନ ପର୍ଯ୍ୟଟନ କରିଥିଲେ । ଏହା ଦ୍ୱାରା ତାଙ୍କର ମନୋଭାବ ବଦଳିବା ପରିବର୍ତ୍ତେ

Digitized by srujanika@gmail.com

ତାହା ଅଧିକ ଦୃଢ଼ୀଭୂତ ହୋଇଥିଲା ଏବଂ ସେ ଯେଉଁସବୁ ସ୍ଥାନକୁ ଗଲେ ସେଠାକାର ସେବିକା ସଂସ୍ଥା, ସେବା-ସଦନ ତଥା ସେବା ପ୍ରଣାଳୀ ଆଦି ମନୋଯୋଗପୂର୍ବକ ଅନୁଧ୍ୟାନ କରିଥିଲେ । ରୋମାନ୍ କେଥଲିକ୍ ଭଗିନୀମାନଙ୍କ କାର୍ଯ୍ୟପନ୍ଥା, ଜର୍ମାନୀ ଫ୍ଲିଡନେର୍ ସେବିକା ସ୍କୁଲର ତାଲିମ ବ୍ୟବସ୍ଥା, ପେରିସ୍‌ର 'ସୋସାଇଟି ଅଫ୍ ସେଣ୍ଟ ଭିଂସେଣ୍ଟ ପଲ' ଓ ମିଶରରେ ଥିବା ଉକ୍ତ ସୋସାଇଟିର ଶାଖା-ଅନୁଷ୍ଠାନ ପର୍ଯ୍ୟଟନ କରି ସାରିଲା ପରେ ଫ୍ଲରେନ୍‌ସ ସେବିକା ଜୀବନ ନିର୍ବାହ କରିବା ନିମିତ୍ତ ଦୃଢ଼ ସିଦ୍ଧାନ୍ତ ଗ୍ରହଣ କରିଥିଲେ । ତେବେ ଏ କ୍ଷେତ୍ରରେ ସିଡ୍‌ନି ହେରବର୍ଟଙ୍କର ଉଦାର ମାନବିକ ମନୋଭାବର ପ୍ରଭାବ ଉଲ୍ଲେଖଯୋଗ୍ୟ । ତାଙ୍କ ହସ୍ତକ୍ଷେପ ଫଳରେ ଫ୍ଲରେନ୍‌ସଙ୍କ ପରିବାରଜନ ସେବିକା ବୃତ୍ତିର ଉପଯୋଗିତା ବିଷୟ ହୃଦୟଙ୍ଗମ କରିଥିଲେ ଏବଂ ଫ୍ଲରେନ୍‌ସଙ୍କୁ ନିଜ କର୍ତ୍ତବ୍ୟ ପଥରେ ଆଗେଇ ଯିବା ଲାଗି ଛାଡ଼ି ଦେଇଥିଲେ ।

ନିର୍ଦ୍ଧାରିତ ଲକ୍ଷ୍ୟ ପଥରେ ଅଗ୍ରସର ହୋଇ ଫ୍ଲରେନସ ପ୍ରଥମେ ଫ୍ଲିଡନେର୍ ସେବିକା ଅନୁଷ୍ଠାନରେ ଯୋଗ ଦେଲେ । ସେଠାରେ ନିର୍ଦ୍ଦିଷ୍ଟ କାଳ ପାଇଁ ଦୃଢ଼ ଓ କଠୋର ଜୀବନ ଯାପନ କଲା ପରେ ସେ ଇଂଲଣ୍ଡ ଫେରି ଆସି ଲଣ୍ଡନ ଓ ଏଡ଼ିନବରା ହାସପାତାଳରେ ଉନ୍ନତ ସେବା ପ୍ରଣାଳୀ ପ୍ରବର୍ତ୍ତନ କରିବା ପାଇଁ ଚାହିଁଥିଲେ । ସେହି କାରଣରୁ ସେବିକା ସଙ୍ଗଠନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଜାଣିବା ପାଇଁ ୧୮୫୩ ମସିହାରେ ସେ ପୁଣି ଥରେ ପେରିସ୍ ଯାଇଥିଲେ ।

ପେରିସ୍‌ରେ ଫ୍ଲରେନ୍‌ସଙ୍କୁ ସଙ୍ଗେ ସଙ୍ଗେ ଏକ ସେବିକା ସଦନରେ ନିର୍ଦ୍ଦେଶିକା ଓ ପରିଚାଳିକା ରୂପେ ନିଯୁକ୍ତି ମିଳି ଯାଇଥିଲା । ସେଠାରେ ସେ ପୁସ୍ତକଗତ ଆଦର୍ଶକୁ କର୍ମକ୍ଷେତ୍ରରେ

Digitized by srujanika@gmail.com

ପ୍ରୟୋଗ କରିବାର ସୁଯୋଗ ପାଇଥିଲେ ଏବଂ ଖୁବ୍ ଅଳ୍ପଦିନ ମଧ୍ୟରେ ସେ ଏଭଳି କର୍ମକୁଶଳତାର ପରିଚୟ ଦେଲେ ଯେ ତାଙ୍କୁ କିଙ୍ଗ୍‌ସ କଲେଜ ହାସ୍‌ପାତାଳରେ ସେବିକାମାନଙ୍କର ସୁପରିଣ୍ଟେଣ୍ଡେଣ୍ଟ ରୂପେ ନିଯୁକ୍ତି ମିଳିଥିଲା । ଅବଶ୍ୟ ସେହି ପଦବୀରେ ଯୋଗଦେବା ପୂର୍ବରୁ ୧୮୫୪ ମସିହା ସେପ୍ଟେମ୍ବର ମାସରେ କ୍ରିମିୟା ଯୁଦ୍ଧ ଆରମ୍ଭ ହୋଇଗଲା ଏବଂ ଫ୍ଲୋରେନ୍‌ସ ସୁପରିଣ୍ଟେଣ୍ଡେଣ୍ଟ ପଦବୀକୁ ଛାଡ଼ି ଯୁଦ୍ଧାହତମାନଙ୍କର ସେବାଶୁଶ୍ରୂଷା ଉଦ୍ଦେଶ୍ୟରେ ସାଙ୍ଗରେ ମାତ୍ର ଅଠତିରିଶ ଜଣ ସେବିକାଙ୍କୁ ନେଇ ଅକ୍ଟୋବର ୨୧ ତାରିଖରେ ସ୍କୁଟାରି ଅଭିମୁଖେ ବାହାରି ପଡ଼ିଥିଲେ ।

ଯୁଦ୍ଧକ୍ଷେତ୍ରରେ ଆହତମାନଙ୍କର ସେବାକୁ କେବଳ ସେ ନିଜର କର୍ତ୍ତବ୍ୟ ବୋଲି ମନେ କରୁ ନଥିଲେ । ଆହତ ଓ ନିର୍ଯ୍ୟାତିତ ମାନଙ୍କର ସମସ୍ତ ପ୍ରକାର ସେବା ସେ କରୁଥିଲେ । ଆବଶ୍ୟକ ସ୍ଥଳେ ସେ ସେମାନଙ୍କର ଲୁଗା ସଫା କରୁଥିଲେ । ଖାଦ୍ୟ ପ୍ରସ୍ତୁତ କରୁଥିଲେ । ଏପରିକି ପାଇଖାନା ମଧ୍ୟ ସଫା କରୁଥିଲେ । ପ୍ରତିଦିନ ସମସ୍ତେ ଶୋଇବାକୁ ଗଲା ପରେ ମଧ୍ୟରାତ୍ରିରେ ଓ ରାତ୍ରିର ଶେଷ ପ୍ରହରରେ, ପ୍ରତ୍ୟୁଷ ପୂର୍ବରୁ, କେହି ଉଠିବା ଆଗରୁ, ସେ ହାତରେ ବତିଟିଏ ଧରି ରୁଗ୍‌ଣ ଓ ଆହତମାନଙ୍କର ଅବସ୍ଥା ବୁଲି ଦେଖୁଥିଲେ । ଏଥିପାଇଁ ତାଙ୍କୁ ଯଥାର୍ଥରେ 'ଆଲୋକଧାରିଣୀ ରମଣୀ' (Lady with the Lamp) ଉପାଧି ଦିଆଯାଇଥିଲା ଓ ସେହି ନାମରେ ସେ ସାରା ବିଶ୍ୱରେ ସମାଦୃତା ହେଲେ ।

କ୍ରିମିୟା ଯୁଦ୍ଧ ବେଳର ସେବାକାର୍ଯ୍ୟ ଥିଲା ଫ୍ଲୋରେନ୍‌ସଙ୍କ ସେବାମୂଳକ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ । ତଥାପି ସେତେ-ବେଳେ ଯୁଦ୍ଧଭୂମିର ଭୟାବହତା ଭିତରେ ସେ ଯେପରି ଅଭୂତ-ପୂର୍ବ, ଅଶ୍ରୁତପୂର୍ବ ଅସାଧାରଣ ସେବାଦର୍ଶର ପରିଚୟ ପ୍ରଦାନ

Digitized by srujanika@gmail.com

କରିଗଲେ, ସେଥିରେ ସମଗ୍ର ବିଶ୍ୱବାସୀ ଚମକ୍ରିତ ହୋଇ ଯାଇଥିଲେ ଏବଂ ରାଣୀ ଭିକ୍ଟୋରିଆଙ୍କ ସମେତ ପୃଥିବୀର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଠାରୁ ସେ ପ୍ରଶଂସାପତ୍ର, ଧନ୍ୟବାଦ ଓ ସାଧୁବାଦ ପାଇଥିଲେ ।

କ୍ରିମିଆ ଯୁଦ୍ଧ ପରେ ଫ୍ଲରେନ୍‌ସ ଇଂଲଣ୍ଡର ହାସପାତାଲ ଗୁଡ଼ିକରେ ତାଙ୍କର ଆଦର୍ଶକୁ ପ୍ରୟୋଗ କରିବାକୁ ଚେଷ୍ଟା କରିଥିଲେ । ଏହି ଉଦ୍ଦେଶ୍ୟରେ ବ୍ରିଟିଶ ଜନସାଧାରଣ ଶ୍ରଦ୍ଧା ଆକାରରେ ପଚିଶହଜାର ପାଉଣ୍ଡ (ଷ୍ଟାର୍ଲିଂ ମୁଦ୍ରା) ସଂଗ୍ରହ କରି ତାଙ୍କ ହାତରେ ସମର୍ପଣ କରିଥିଲେ ଏବଂ ସେହି ଅର୍ଥ ନେଇ ସେ ସେଣ୍ଟ ଥମାସ୍ ହାସପାତାଲଠାରେ ଏକ ଆଦର୍ଶ ସେବିକା ତାଲିମ କେନ୍ଦ୍ର ପ୍ରତିଷ୍ଠା କରିଥିଲେ । ତାଙ୍କ ନାମାନୁସାରେ ଏହି ଅନୁଷ୍ଠାନ 'ନାଇଟିଙ୍ଗେଲ ହୋମ୍' ନାମରେ ପରିଚିତ ହୋଇ ଆସୁଛି ।

୧୮୫୭ ମସିହାରେ ଭାରତରେ ଯେତେବେଳେ ସିପାହୀ ବିଦ୍ରୋହର ସୂତ୍ରପାତ ଘଟି ଶହ ଶହ ଲୋକ ହତାହତ ହେଲେ, ଫ୍ଲରେନ୍‌ସ ନାଇଟିଙ୍ଗେଲ ଭାରତକୁ ଆସି ସେମାନଙ୍କର ସେବା-ଶୁଶ୍ରୂଷା କରିବା ପାଇଁ ଆଗ୍ରହୀ ହୋଇ ଉଠିଥିଲେ । କିନ୍ତୁ ଭାରତର ତଦାନୀନ୍ତନ ବ୍ରିଟିଶ ସରକାର ସେଥିପାଇଁ ତାଙ୍କୁ ଅନୁମତି ଦେଇ ନଥିଲେ; ତେଣୁ ସେ ତାଙ୍କ ଉଦ୍‌ଯୋଗରୁ କ୍ଷାନ୍ତ ହୋଇଥିଲେ । ଏହାସତ୍ତ୍ୱେ ଫ୍ଲରେନ୍‌ସ ଭାରତୀୟ ଅଫିସରମାନଙ୍କ ସହିତ ଯୋଗାଯୋଗ ସ୍ଥାପନ କରି ଅବସ୍ଥା ଅନୁଧ୍ୟାନ କରୁଥିଲେ ।

ସେବାବ୍ରତୀ ନାଇଟିଙ୍ଗେଲ ୧୯୧୦ ମସିହା ଅଗଷ୍ଟ ୧୩ ତାରିଖରେ ନବେବର୍ଷ ବୟସରେ ଇହଧାମ ତ୍ୟାଗକଲା ବେଳକୁ ପୃଥିବୀର ଶ୍ରେଷ୍ଠ ସେବିକା ରୂପେ ସର୍ବତ୍ର ସ୍ୱୀକୃତି ପାଇଥିଲେ ଓ ବହୁ ଭାବରେ ସମ୍ମାନିତା ହୋଇଥିଲେ । ତାଙ୍କୁ 'ଲେଡ଼ି ଓ୍ୱିଥ୍ ଦି

Digitized by srujanika@gmail.com

ଟଲମ୍’, ‘ମିନଷ୍ଟ୍ରେଲଆଲ୍ ଆଞ୍ଜେଲ’ ପ୍ରଭୃତ ନାମରେ ଅଭିହିତ କରାଯାଇଥିଲା । ୧୯୦୭ ରେ ସେ ‘ଅର୍ଡ଼ର ଅଫ୍ ମେରିଟ୍’ ଓ ୧୯୦୮ ରେ ‘ଫ୍ରିଡ଼ମ୍ ଅଫ୍ ଦ ସିଟି ଅଫ୍ ଲଣ୍ଡନ’ ସମ୍ମାନସୂଚକ ଉପାଧି ପାଇଥିଲେ । ୧୮୫୮ ମସିହାରେ ପ୍ରକାଶିତ ତାଙ୍କର ପାର୍ଶ୍ୱ ଆଠଶତ ପୃଷ୍ଠା ବ୍ୟାପୀ ସେବା ଓ ସ୍ୱାସ୍ଥ୍ୟ ସମ୍ପର୍କୀୟ ବିରାଟ ଗ୍ରନ୍ଥ "Notes on Matters Affecting the Health, Efficiency and Hospital Administration of the British Army" ଅଦ୍ୟାବଧି ବିଭିନ୍ନ ସେବକା ସଂସ୍ଥାଗୁଡ଼ିକ ପାଇଁ ଆଦର୍ଶ ପ୍ରାମାଣିକ ସହିତା ରୂପେ ଉପଲବ୍ଧ ହେଉଛି ।

ବାସ୍ତବରେ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କ ପରି ତ୍ୟାଗପ୍ରାଣା ସେବିକାଙ୍କର ଉଦାହରଣ ବିଶ୍ୱଇତିହାସରେ ବିରଳ । ଲର୍ଡ଼ ଷ୍ଟାନ୍ଲେ ତାଙ୍କ ସମ୍ପର୍କରେ ଯଥାର୍ଥରେ କହିଥିଲେ, "ଗତ ଶତାବ୍ଦୀ ଶତାବ୍ଦୀ ଧରି କେବଳ ଏହି ଭୂଖଣ୍ଡ କାହିଁକି, ସମଗ୍ର ୟୁରୋପରେ ମନୁଷ୍ୟ ସେବାକୁ ଭଗବାନଙ୍କ ଉଦ୍ଦେଶ୍ୟରେ କର୍ତ୍ତବ୍ୟ ବୋଲି ମନେ କରୁଥିବା ନାଇଟିଙ୍ଗେଲଙ୍କ ଭଳି ପରହିତପ୍ରାଣା ଅନ୍ୟ ଜଣେ ରମଣୀକୁ ମୁଁ ଜାଣିନାହିଁ ।" ଲର୍ଡ଼ ଷ୍ଟାନ୍ଲେଙ୍କ ଏହି ମତ ସମଗ୍ର ବିଶ୍ୱଜନତାର ମତ ଥିଲା ବୋଲି କହିଲେ ମଧ୍ୟ ଅତ୍ୟୁକ୍ତି ହେବାର ଆଶଙ୍କା ନାହିଁ ।

—o—

Digitized by srujanika@gmail.com

॥ ତିନ ॥

ନାରୀ-ପ୍ରଗତିର ପଥ-ପ୍ରଦର୍ଶିକା

ରମାବାଈ ରାନାଡ଼େ

[୧୮୬୩—୧୯୨୪]

'ମୁଁ ବର୍ତ୍ତମାନ ହୃଦୟଙ୍ଗମ କରୁଛି ଯେ ସ୍ୱର୍ଗତ ରାନାଡ଼େଙ୍କ ପ୍ରତି ମୋର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ରହିଛି । ସେ ମୋର ଜୀବନର ମୋଡ଼ ବଦଳାଇ ଦେଇଥିଲେ ଓ ତାକୁ ସାର୍ଥକ କରିଥିଲେ । କାର୍ଯ୍ୟରୁ ଅବସର ନିବା ଅଧିକାର ମୋର ନାହିଁ । ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ମୋତେ ଋଣମୁକ୍ତ ହେବାକୁ ପଡ଼ିବ ।' ଏହା ହେଉଛି ଶ୍ରୀମତୀ ରମାବାଈ ରାନାଡ଼େଙ୍କର ଏକ ମୁକ୍ତ ସ୍ୱୀକାରୋକ୍ତି । ସେ ୧୯୦୪ ମସିହାରେ ଏକ ନାରୀ ସମ୍ମିଳନୀରେ ନିତାନ୍ତ ଭାବପ୍ରବଣ ହୋଇ ଏହା ପ୍ରକାଶ କରିଥିଲେ ଏବଂ ସେହି ସମୟରୁ ତାଙ୍କ ଜୀବନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ସେ ତାଙ୍କର ସ୍ୱତନ୍ତ୍ର ନାରୀ-ଉନ୍ନୟନ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କରିବାରେ ବ୍ରତୀ ହୋଇଥିଲେ ।

କଥାରେ ଅଛି, ବରଗଛ ମୂଳେ କୁଶ କଅଁଳେ ନାହିଁ । ରମାବାଈ ତାଙ୍କର ସ୍ୱାମୀ ମହାଦେବ ଗୋବିନ୍ଦ ରାନାଡ଼େଙ୍କ ସହଧର୍ମିଣୀ ରୂପେ କାର୍ଯ୍ୟ କରିବା ଫଳରେ ବିଚାରପତି ରାନାଡ଼େଙ୍କର

Digitized by srujanika@gmail.com

ବିଶାଳ ବ୍ୟକ୍ତିତ୍ୱ ସମ୍ମୁଖରେ ତାଙ୍କର କୃତିତ୍ୱ ସମାଚ୍ଛନ୍ନ ହୋଇ ରହିଥିଲା । କିନ୍ତୁ ରାନାଡ଼େଙ୍କ ତିରୋଧାନ ପରେ ରମାବାଈଙ୍କର ବ୍ୟକ୍ତିତ୍ୱର ବଳିଷ୍ଠତା ପ୍ରତିପାଦିତ ହୋଇଥିଲା ଏବଂ କୀର୍ତ୍ତିରାଜି ଲୋକଲୋଚନ ଗୋଚରକୁ ଆସିଥିଲା । ତାଙ୍କର ବିଭିନ୍ନ କାର୍ଯ୍ୟକଳାପର ସଫଳତା ପଛରେ ଡ଼କ୍ଟର ଭଣ୍ଡାରକର୍, ଜି: କେ: ଦେବଧର, ଦୟାରାମ ଗିଡ଼ୁମଲ୍ଲ ପ୍ରମୁଖଙ୍କର ଅକୁଣ୍ଠ ଅବଦାନ ରହିଥିଲା ଏବଂ ରମାବାଈଙ୍କ ଜୀବନ ଉପରେ ଡ଼କ୍ଟର୍ ଭଣ୍ଡାରକର୍ଙ୍କ ପ୍ରଭାବ ନିତାନ୍ତ ଉଲ୍ଲେଖଯୋଗ୍ୟ ।

୧୮୬୨ ମସିହାରେ ମହାରାଷ୍ଟ୍ରର ଏକ କ୍ଷୁଦ୍ର ପଲ୍ଲୀଗ୍ରାମ କୁର୍ଲୋ ଠାରେ ରମାବାଈଙ୍କର ଜନ୍ମ । ସେହି ପଲ୍ଲୀ ପରିବେଶରେ ତାଙ୍କର ବାଲ୍ୟ ଜୀବନ ଅତିବାହିତ ହୋଇଥିବାରୁ ଶୈଶବରେ ସେ ଶିକ୍ଷା କଣ, ତାହା ଜାଣିବା ପାଇଁ ସୁଯୋଗ ନଥିଲା । ପ୍ରଚଳିତ ପରମ୍ପରା ଅନୁସାରେ ମାତ୍ର ୧୧ ବର୍ଷ ବୟସରେ ତଦାନୀନ୍ତନ ଭାରତର ଅନ୍ୟତମ ସୁନାମଧନ୍ୟ ବିଚାରପତି ମହାଦେବ ଗୋବିନ୍ଦ ରାନାଡ଼େଙ୍କ ସହିତ ତାଙ୍କର ବିବାହ ସମ୍ପାଦିତ ହୋଇଥିଲା । ସେତେବେଳକୁ ବିଚାରପତି ରାନାଡ଼େ ବହୁବିଧ ଭାବେ ସମାଜ-ସଂସ୍କାର କାର୍ଯ୍ୟରେ ଜଡ଼ିତ ଥିଲେ ଏବଂ 'ପ୍ରାର୍ଥନା ସମାଜ'ର ଆନୁକୂଲ୍ୟରେ ସେ ପଶ୍ଚିମ ଭାରତର ବିଭିନ୍ନ ଅଞ୍ଚଳରେ ଅନାଥାଶ୍ରମ, ବିଧବା-ସଦନ, ଶିକ୍ଷା-ନିକେତନ ଓ ସେବାସଂସ୍ଥାମାନ ପ୍ରତିଷ୍ଠା କରି ବେଶ୍ ସୁନାମ ଅର୍ଜନ କରିଥିଲେ । ଆଣ୍ଡ୍ରୁଜ ସାହେବଙ୍କ ପରି ବିଶିଷ୍ଟ ଲେଖକ ମଧ୍ୟ ମତବ୍ୟକ୍ତ କରିଥିଲେ— 'ଭାରତରେ ପ୍ରବର୍ତ୍ତିତ କେତେକ ନୂତନ ସଂସ୍କାର ବୋମ୍ବେ ଅଞ୍ଚଳରେ ବିଶେଷ ଆଦୃତ ହୋଇଥିଲା ଏବଂ ସେଗୁଡ଼ିକୁ ମୁଖ୍ୟତଃ ବିଚାରପତି ରାନାଡ଼େଙ୍କ ନାମ ସହିତ ସଂଶ୍ଳିଷ୍ଟ କରାଯାଉଥିଲା ।'

Digitized by srujanika@gmail.com

ସଂସ୍କାରକ ରାନାଡ଼େ ବିଶେଷତଃ ବିଧବା ବିବାହ ସପକ୍ଷରେ ପ୍ରଚାର କରିଥିଲେ ଏବଂ ୧୮୬୧ ରେ ଗଠିତ 'ବିଧବା ବିବାହ ସଂଘ' (Widow Marriage Association) ର ସେ ଥିଲେ ଅନ୍ୟତମ ପ୍ରତିଷ୍ଠାତା । ଏହା ସତ୍ତ୍ୱେ, ରାନାଡ଼େ ପ୍ରଥମା ପତ୍ନୀଙ୍କର ମୃତ୍ୟୁ ପରେ ଦ୍ୱିତୀୟା ପତ୍ନୀ ରୂପେ ଗୋଟିଏ ନାବାଳିକା କନ୍ୟା ବିବାହ କରିଥିବାରୁ ତାଙ୍କୁ ବହୁ କଟୂ ଆକ୍ଷେପର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଅବଶ୍ୟ ମହାଦେବ ରାନାଡ଼େ ନିଜେ ସେହି ବାଲ୍ୟ-ବିବାହର ପକ୍ଷପାତି ନ ଥିଲେ, ତେବେ ତାଂକ ପରିବାର-ଜନଙ୍କର ରକ୍ଷଣଶୀଳ ମନୋଭାବକୁ କ୍ଷୁର୍ଣ୍ଣ ନ କରିବା ଉଦ୍ଦେଶ୍ୟରେ ସେମାନଙ୍କ ଇଚ୍ଛାରେ ସେ ରମାବାଈଙ୍କୁ ବିବାହ କରିଥିଲେ । ବୋଧହୁଏ, ତାହାହିଁ ଥିଲା ବିଶ୍ୱନିୟନ୍ତାଙ୍କର ଶ୍ରେଷ୍ଠ ବରଦ !

ରମାବାଈ ବିବାହ କରି ଆସିବା ପରେ ତାଙ୍କ ସ୍ୱାମୀଙ୍କ ଇଚ୍ଛା ଓ ଉଦ୍ୟମରେ ଅକ୍ଷର ଶିକ୍ଷା କରିଥିଲେ । ବିଦ୍ୟା ଅଧ୍ୟୟନ ପ୍ରତି ତାଙ୍କର ପ୍ରବଳ ଆସକ୍ତି ଥିଲା । ଖୁବ୍ କମ୍ ସମୟରେ ସେ ଶିକ୍ଷାର୍ଜନ କ୍ଷେତ୍ରରେ ବେଶ୍ ଆଗେଇ ପାରିଥିଲେ । ଏପରିକି, ତାଙ୍କ ସ୍ୱାମୀଙ୍କ ଦ୍ୱାରା କଥିତ ବକ୍ତୃତାଗୁଡ଼ିକୁ ଲିପିବଦ୍ଧ କରିବାରେ ସେ ସାହାଯ୍ୟ କରି ପାରିଥିଲେ; ଅର୍ଥାତ୍ ଶ୍ରୁତିଲିଖନ କ୍ଷେତ୍ରରେ ବି ସେ ସାମର୍ଥ୍ୟ ଅର୍ଜନ କରିଥିଲେ । ତେବେ, ସେଥିପାଇଁ ତାଙ୍କୁ ପରିବାରର ମୁରୁବୀମାନଙ୍କ ଠାରୁ କଠୋର ଭର୍ତ୍ସନା ଶୁଣିବାକୁ ହୋଇଥିଲା ଏବଂ ବିଶେଷତଃ, ସେ ଯେତେବେଳେ ଇଂରାଜୀ ଭାଷା ଅଧ୍ୟୟନ କଲେ ତାଙ୍କୁ ଶାଶୁ ଓ ନଣନ୍ଦଙ୍କର ଅକଥନୀୟ ତିରସ୍କାର ବାଣୀ ହଜମ କରିବାକୁ ପଡ଼ିଥିଲା । ସେତେବେଳର ହିନ୍ଦୁ-ସମାଜରେ ଏକ ଧାରଣା ରହିଥିଲା ଯେ ଇଂରାଜୀ ଏକ ମ୍ଳେଚ୍ଛ ଭାଷା ଏବଂ ତାହା ଶିକ୍ଷାକଲେ ହିନ୍ଦୁ ସ୍ତ୍ରୀର ଚରିତ୍ର ନଷ୍ଟ ହୁଏ । ଏପରିକି,

Digitized by srujanika@gmail.com

ହିନ୍ଦୁ-ରମଣୀ ଇଂରାଜୀ ଭାଷା ଶିଖିଲେ ସ୍ୱାମୀର ମୃତ୍ୟୁ ଘଟେ ବୋଲି ମଧ୍ୟ ଅନ୍ଧ ବିଶ୍ୱାସ ରହିଥିଲା ।

ତା'ସତ୍ତ୍ୱେ, ରମାବାଈ ଇଂରାଜୀ ଅଧ୍ୟୟନରୁ ବିରତ ହୋଇ ନଥିଲେ । ପରିବାରଜନ ତାଙ୍କର ଇଂରାଜୀପଢ଼ାକୁ ଯେତିକି ନିନ୍ଦା ଓ ଘୃଣା କରୁଥିଲେ, ସେ ସେଥିରେ ସେତିକି ଅଧିକ ମନୋନିବେଶ କରୁଥିଲେ । ରମାବାଈଙ୍କୁ ଦେଖିଲେ ପରିବାରର ଅନ୍ୟମାନେ ନାକ ଟେକୁଥିଲେ, ତାଙ୍କ ମୁହଁରେ ଛେପ ପକାଉଥିଲେ, ତାଙ୍କୁ ରୋଷେଇଶାଳ ବାସନ୍ଦ କରି ଦେଇଥିଲେ । କିନ୍ତୁ ସେସବୁ କାର୍ଯ୍ୟ ତାଙ୍କର ମନୋବଳକୁ ଦୃଢ଼ କରିଥିଲା । ସେ ନିଜର ପ୍ରଗାଢ଼ ଚେଷ୍ଟାବଳରେ ଅତି ଅଳ୍ପକାଳ ମଧ୍ୟରେ ଇଂରାଜୀ ଭାଷାରେ ଦକ୍ଷତା ହାସଲ କରିଥିଲେ । ଏପରିକି, ୧୮୮୩ ମସିହା ବେଳକୁ ସେ ଏକ ସଭାରେ ଇଂରାଜୀରେ ଭାଷଣ ଦେଇପାରିଥିଲେ ।

ଆଦ୍ୟ ବିବାହିତ ଜୀବନରେ ରମାବାଈଙ୍କର ବିଶେଷ ସ୍ୱତନ୍ତ୍ର କାର୍ଯ୍ୟକଳାପ ପରିଦୃଷ୍ଟ ହୁଏ ନାହିଁ, କାରଣ ସେ ତାଙ୍କ ସ୍ୱାମୀଙ୍କ ସାଙ୍ଗରେ କାୟା ସହ ଛାୟା ଭଳି ବୁଲୁଥିଲେ ଏବଂ ତାଙ୍କର ବିଭିନ୍ନ ଶିକ୍ଷା ଓ ସଂସ୍କାରମୂଳକ କାର୍ଯ୍ୟକୁ ଫଳବତୀ କରିବାରେ ମନପ୍ରାଣ ଢାଳି ଦେଇଥିଲେ । ସେତେବେଳେ ତାଙ୍କ ସ୍ୱାମୀ ମହାଦେବ ଗୋବିନ୍ଦ ରାନାଡ଼େ ଭାରତରେ ସଂସ୍କାର ପ୍ରବର୍ତ୍ତନ କରିବା ଦିଗରେ ଏକ ନବ-ଦିଗନ୍ତର ସନ୍ଧାନ ଦେବା ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ । ଏ କ୍ଷେତ୍ରରେ ସେ ଦୁଇଟି ସ୍ପଷ୍ଟ ଆଦର୍ଶ ପ୍ରଚାର କରିଥିଲେ । ପ୍ରଥମଟି ହେଉଛି, "ମାନବ-ସେବାଠାରୁ ଭଗବତ୍ ସେବା ଯେପରି ଅଭିନ୍ନ, ସମାଜ-ସଂସ୍କାରଠାରୁ ଧର୍ମ ସେପରି ଅଭିନ୍ନ । ତୁମର ଧର୍ମ ଧାରଣା ଯଦି ନୀଚ ସ୍ତରରେ ରହେ, ତୁମେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କୌଣସି

Digitized by srujanika@gmail.com

କ୍ଷେତ୍ରରେ କୃତକାର୍ଯ୍ୟ ହୋଇପାରିବ ନାହିଁ । ଏହି ଯେଉଁ ପରସ୍ପର ନିର୍ଭରଶୀଳତା, ତାହା ଏକ ଦୁର୍ଘଟଣା ନୁହେଁ, ତାହା ହେଉଛି ଆମ ପ୍ରକୃତିର ନିୟମ ।'' ତାଙ୍କର ଦ୍ୱିତୀୟ ଆଦର୍ଶ ହେଉଛି—"କେବଳ ଅତୀତ ସହିତ ସମ୍ପର୍କ ଛିନ୍ନ କରିବାରେ ସଂସ୍କାରକର କାର୍ଯ୍ୟ ଆବଦ୍ଧ ନୁହେଁ । ପ୍ରକୃତ ସଂସ୍କାରକ ଯିଏ, ତାଙ୍କୁ କିଛି ନୂଆ କାର୍ଯ୍ୟ ଆରମ୍ଭ କରିବାକୁ ପଡ଼େ ନାହିଁ । ଏକ ଅର୍ଦ୍ଧଲିଖିତ ବାକ୍ୟକୁ ସମ୍ପୂର୍ଣ୍ଣ କରିବା ଅନେକ ସମୟରେ ତାର କାର୍ଯ୍ୟ ହୋଇଥାଏ ।''

ରମାବାଈ ରାନାଡ଼େ ସ୍ୱାମୀଙ୍କର ଏହି ଆଦର୍ଶ ଅନୁସରଣ କରି ହିଁ ତାଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ପୂର୍ଣ୍ଣ କରିବା ଦିଗରେ ଆତ୍ମ-ନିୟୋଗ କରିଥିଲେ । ତେବେ ୧୯୦୧ରେ ସ୍ୱାମୀ ମହାଦେବ ଗୋବିନ୍ଦ ରାନାଡ଼େଙ୍କ ପରଲୋକ ଘଟିବାର ତିନି ବର୍ଷ ପାଏ ସେ ଲୋକଲୋଚନରୁ ଦୂରେଇ ରହିଥିଲେ ଏବଂ କୌଣସି ଜନକାର୍ଯ୍ୟରେ ନିଜକୁ ସମ୍ଶ୍ଳିଷ୍ଟ କରି ନଥିଲେ । ତାଙ୍କର ସେହି ନିଭୃତ ଜୀବନରୁ ରମାବାଈଙ୍କୁ ଜନଜୀବନ କ୍ଷେତ୍ରକୁ ଟାଣି ଆଣିଥିଲେ ଡକ୍ଟର ଭଣ୍ଡାରକର । ସ୍ୱର୍ଗତ ରାନାଡ଼େଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଶେଷ କରିବା ତାଙ୍କର କର୍ତ୍ତବ୍ୟ ବୋଲି ଭଣ୍ଡାରକର ତାଙ୍କୁ ଉପଦେଶ ଦେଇଥିଲେ ଏବଂ ବହୁତ ପ୍ରକାରେ ବୁଝାଶୁଝା କରି ୧୯୦୪ରେ ଗୋଟିଏ ନାରୀ-ସମ୍ମିଳନୀରେ ଉଦ୍‌ବୋଧନ ଦେବାପାଇଁ ରାଜି କରାଇଥିଲେ । ରମାବାଈ ନିଜେ ଡକ୍ଟର ଭଣ୍ଡାରକରଙ୍କର ସେହି ସୁପରାମର୍ଶ ପାଇଁ ସେହି ନାରୀ-ସମ୍ମିଳନୀରେ ପ୍ରକାଶ୍ୟରେ କୃତଜ୍ଞତା ଜଣାଇଥିଲେ । ସେ କହିଥିଲେ, "ମୁଁ ଡକ୍ଟର ଭଣ୍ଡାରକରଙ୍କର ଉପଦେଶ, ବରଂ ଭବିଷ୍ୟବାଣୀର ଯଥାର୍ଥତା ଉପଲବ୍ଧି କରିଅଛି ।''

୧୯୦୪ ମସିହାଠାରୁ ଜୀବନର ଶେଷକାଳ ପର୍ଯ୍ୟନ୍ତ ରମାବାଈ ନାରୀ ଜାତିର ପ୍ରଗତି ପାଇଁ ନିଜକୁ ଉତ୍ସର୍ଗ କରି

Digitized by srujanika@gmail.com

ଦେଇଥିଲେ । ସେ ତାଙ୍କର ଅନ୍ତିମ ଜୀବନ ପୁନାଠାରେ ଅତିବାହିତ କରିଥିଲେ । ୧୯୦୯ ମସିହାରେ ସ୍ୱର୍ଗତ ରାମଭୂଷଙ୍କ ସହାୟତାରେ ସେହି ପୁନାଠାରେ ନାରୀମାନଙ୍କ ପାଇଁ ସେ ଏକ ସେବା-ସଦନ ସ୍ଥାପନ କରିଥିଲେ । ପ୍ରଥମେ ସେହି ସେବାସଦନ ରମାବାଈଙ୍କ ବାସଗୃହରେ ପ୍ରତିଷ୍ଠିତ ହୋଇଥିଲା; ପରେ ସ୍ୱର୍ଗତ ଦେବଧରଙ୍କ ସହାୟତାରେ ସଦନର ପକ୍କା ଗୃହ ନିର୍ମିତ ହୋଇ ତାହା ସେଠାକୁ ସ୍ଥାନାନ୍ତରିତ ହୋଇଥିଲା ଓ ସେବା-ସଦନର ପରିଚାଳନା ଦାୟିତ୍ୱ ମଧ୍ୟ ସେବା ସଦନ ସୋସାଇଟି ଗ୍ରହଣ କରିଥିଲା । ଧାତ୍ରୀ ଓ ସେବିକାଙ୍କୁ ତାଲିମ ଦେବା, ମାତୃମଙ୍ଗଳ ଓ ଶିଶୁକଲ୍ୟାଣ ପ୍ରତି ଦୃଷ୍ଟି ଦେବା ଏବଂ ବିଧବାମାନଙ୍କୁ ନିଯୁକ୍ତି ଯୋଗାଇବା ଥିଲା ସେହି ସଦନର ମୁଖ୍ୟ ଉଦ୍ଦେଶ୍ୟ ।

ଏହା ପରେ ରମାବାଈ ଭାରତୀୟ ନାରୀମାନଙ୍କ ପାଇଁ ମତଦାନ ଅଧିକାର ଦାବୀ କରି ୧୯୧୯ରେ ଏକ ଆନ୍ଦୋଳନ ଆରମ୍ଭ କରିଥିଲେ ଓ ସେହି ଆନ୍ଦୋଳନ ଫଳରେ ବମ୍ବେ ବିଧାନ ପରିଷଦରେ ସେ ସମ୍ବନ୍ଧୀୟ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । କେବଳ ଏତିକ ନୁହେଁ, ବିଭିନ୍ନ ପ୍ରବନ୍ଧ ଓ ପୁସ୍ତକ ପ୍ରଣୟନ କରି ମଧ୍ୟ ରମାବାଈ ତାଙ୍କର ବଳିଷ୍ଠ ଚିନ୍ତାଧାରାର ପରିଚୟ ଦେଇ ଯାଇଛନ୍ତି । ତାଙ୍କ ସ୍ୱାମୀଙ୍କ ପ୍ରଣୀତ 'ଧାର୍ମିକ ସମ୍ଭାଷଣ' ଗ୍ରନ୍ଥର ମୁଖବନ୍ଧ ଲେଖି ଏବଂ ମରାଠୀ ଭାଷାରେ ସେ ନିଜେ 'ଆମ ଜୀବନର ସ୍ମୃତିରାଜି' ପୁସ୍ତକ ପ୍ରଣୟନ କରି ସେ ବେଶ୍ ସୁଖ୍ୟାତି ଅର୍ଜନ କରିପାରିଛନ୍ତି ।

୧୯୨୪ ମସିହା ଏପ୍ରିଲ ମାସରେ ରମାବାଈଙ୍କର ଶରୀରାବସାନ ଘଟିଥିଲା । କିନ୍ତୁ ତାଙ୍କ ତିରୋଧାନ ପରେ ମଧ୍ୟ

Digitized by srujanika@gmail.com

ତାଙ୍କର ଲକ୍ଷ୍ୟପଥରେ ଅନ୍ୟମାନେ ଅଗ୍ରଣୀ ହୋଇଥିଲେ ଏବଂ ନାରୀ ପ୍ରଗତି ଦିଗରେ ପର୍ଯ୍ୟାପ୍ତ କାର୍ଯ୍ୟ ସାଧିତ ହୋଇଥିଲା । ଭିକ୍ଟୋରିଆ ମେମୋରିୟାଲ୍ ସ୍କଲରସିପ୍ ଫଣ୍ଡ, ଲେଡ଼ି ହାର୍ଡିଞ୍ଜ ମେଡ଼ିକାଲ କଲେଜ (ଦିଲ୍ଲୀ), ଚିତ୍ତରଞ୍ଜନ ସେବାସଦନ (କଲିକତା), ଭାରତୀୟ ରେଡ଼କ୍ରସ ସମିତି ସହଯୋଗରେ ଗଠିତ 'ମେଟେରନିଟି ଆଣ୍ଡ ଚାଇଲଡ଼ ୱେଲଫେର ବ୍ୟୁରୋ' ପ୍ରଭୃତି ସଂସ୍ଥା ଦ୍ୱାରା ବହୁବିଧ ସେବାମୂଳକ କାର୍ଯ୍ୟ ସମାହିତ ହୋଇଥିଲା । ଶାରଦା ଆଇନ (୧୯୩୦) ବଳରେ ବାଲ୍ୟ ବିବାହ ନିରୋଧ ଲାଗି ପଦକ୍ଷେପ ନିଆଯାଇଥିଲା । ମହୀଶୂରର ମହାରାଣୀ ବିଦ୍ୟାଳୟ, ପଞ୍ଜାବର ପବିତ୍ର ସମିତି (Purity Society), ଲକ୍ଷ୍ନୌର ହିନ୍ଦୁ ବିଧବା ସଂସ୍କାର ଲିଗ୍ ପ୍ରଭୃତି ସଂସ୍ଥା ମାଧ୍ୟମରେ ବିଧବାମାନଙ୍କର କଲ୍ୟାଣ ସାଧନ ଦିଗରେ ଉଦ୍ୟମ କରାଯାଇଥିଲା । ଏଥିପାଇଁ ଜଣେ ପାଶ୍ଚାତ୍ୟ ଇତିହାସବିତ୍ ଯଥାର୍ଥରେ କହିଛନ୍ତି ଯେ "ମୁଖ୍ୟତଃ ରମାବାଈ ରାନାଡ଼େଙ୍କ ପ୍ରେରଣାରେ ଭାରତରେ ଯେଉଁ ନାରୀ ଜାଗରଣ ଆରମ୍ଭ ହୋଇଥିଲା, ତାହା ଏତେ ଶୀଘ୍ର ଓ ଏତେ ପରିମାଣରେ ଫଳବତୀ ହେଲା ଯେ ବିଶ୍ୱାସ କରି ହେବନି, କାରଣ ମାତ୍ର କେତେ ବର୍ଷ ପୂର୍ବେ ତାହା କଳ୍ପନାତୀତ ଥିଲା ।"

—*—

Digitized by srujanika@gmail.com

|| ୩୨ ||

ଭାରତୀୟ ଜାତୀୟତାର ଅପୂର୍ବ ଉତ୍ସ

ଆନି ବେଶାନ୍ତ

[୧୮୪୭—୧୯୩୩]

ଭାରତର ସ୍ୱଦେଶୀ ବନ୍ଧୁ ଓ ଶୁଭାକାଂକ୍ଷୀମାନଙ୍କ ମଧ୍ୟରେ ସ୍ୱର୍ଗତ ଆନିବେଶାନ୍ତଙ୍କ ସ୍ଥାନ ସ୍ୱତନ୍ତ୍ର । ସେ କେବଳ ଭାରତର ଧର୍ମ ଓ ଜୀବନଯାପନ ପ୍ରଣାଳୀ ପ୍ରତି ଆସକ୍ତି ପ୍ରକାଶ କରି ନଥିଲେ, ସେ ଭାରତରେ ତାଙ୍କ ଜୀବନର ଶେଷାର୍ଦ୍ଧ କାଳ ବିତାଇ ଦେଇଥିଲେ ଏବଂ ଭାରତୀୟ ରୂପେ ପରିଚିତା ହେବାଲାଗି ସେ ନିଜକୁ ଧନ୍ୟ ମନେ କରିଥିଲେ । କେବଳ ସେତିକି ନୁହେଁ, ନିଜର ଭାରତୀୟ ମମତା ଓ ହିନ୍ଦୁ ଧର୍ମ ପ୍ରତି ଅନୁରକ୍ତି ପ୍ରକାଶ କରିବାକୁ ଯାଇ ସ୍ୱର୍ଗତ ବେଶାନ୍ତ ନିଜେ ପୂର୍ବଜନ୍ମରେ ନିଶ୍ଚୟ ଭାରତରେ ଜନ୍ମଗ୍ରହଣ କରିଥିଲେ ଓ ଭାରତ ତାଙ୍କର ମାତୃଭୂମି ବୋଲି ଉଲ୍ଲେଖ କରି ଯାଇଛନ୍ତି । ତାଙ୍କର ଆଧ୍ୟାତ୍ମିକ ଚିନ୍ତାଧାରା, ସାଂଗଠନିକ ଶକ୍ତି, ବାକ୍‌ପଟୁତା ଓ ତ୍ୟାଗପ୍ରାଣତା ସମସାମୟିକ ପୃଥିବୀର ନାରୀମାନଙ୍କ ମଧ୍ୟରେ ତାଙ୍କୁ ଅଦ୍ୱିତୀୟ କରି ତୋଳିଥିଲା । ତାଙ୍କର ଅସାମାନ୍ୟ କୃତି ପାଇଁ ସ୍ୱର୍ଗତ ବେଶାନ୍ତ କେବଳ ଭାରତ ନୁହେଁ, ସମସ୍ତ ବିଶ୍ୱର ନାରୀ-ସମାଜ ନିକଟରେ ଚିର-

Digitized by srujanika@gmail.com

ସ୍ମରଣୀୟ ହୋଇ ରହିବେ. ଏଥିରେ ସନ୍ଦେହର ଅବକାଶ ନାହିଁ ।

କୌଣସି ଗୋଟିଏ ଘଟଣା ଜଣେ ଲୋକର ଜୀବନଧାରାକୁ ଯେ ପୂରାପୂରି ବଦଳାଇ ଦିଏ, ଏହା ହଠାତ୍ ବିଶ୍ୱାସ ନ ଲାଗିଲେ ମଧ୍ୟ ଅନେକ କ୍ଷେତ୍ରରେ ପ୍ରମାଣିତ । ସହର ପରିକ୍ରମା କାଳରେ ବୃଦ୍ଧ, ରୋଗୀ, ଶବ ଓ ସନ୍ନ୍ୟାସୀକୁ ଦେଖି ଗୌତମ ସଂସାରତ୍ୟାଗୀ ହୋଇଥିଲେ । ରୁଷିଆରେ ସମାଜବାଦୀ କାର୍ଯ୍ୟକଳାପ ଅବ-ଲୋକନ କରିଆସି ସମ୍ଭ୍ରାନ୍ତ ପରିବାରର ସନ୍ତାନ ଜବାହରଲାଲ ଆନନ୍ଦଭବନ ଛାଡ଼ି ଯମୁନା କୂଳର ଗୃହୀମାନଙ୍କ କୁଟୀରରେ ଯାଇ ରହି ସେମାନଙ୍କର ଅବସ୍ଥା ଅନୁଧ୍ୟାନ କଲେ । ଗୌତମଙ୍କ ଠାରୁ ନେହରୁଙ୍କ ପର୍ଯ୍ୟନ୍ତ ବହୁ ବ୍ୟକ୍ତିଙ୍କ ଜୀବନର ଧାରା ଏହିଭଳି ଗୋଟିଏ ଗୋଟିଏ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଯେ ବଦଳି ଯାଇଛି, ଏଥିରେ ଅବିଶ୍ୱାସର କାରଣ ନାହିଁ । ଆନି ବେଶାନ୍ତଙ୍କ ଜୀବନରେ ବି ଏହିପରି ଏକ ଘଟଣାର ପ୍ରଭାବ ପଡ଼ିଥିଲା ।

ଏହା ୧୮୮୯ ମସିହାର ଘଟଣା । ସେତେବେଳେ 'ରିଭ୍ୟୁ ଅଫ୍ ରିଭ୍ୟୁସ୍' ପତ୍ରିକାର ସମ୍ପାଦକ ମିଷ୍ଟର ଡବ୍ଲ୍ୟୁ. ଟି. ଷ୍ଟେଡ୍ ଆନି ବେଶାନ୍ତଙ୍କୁ 'ସିକ୍ରେଟ୍ ଡକ୍ଟ୍ରିନ୍' ନାମକ ଖଣ୍ଡେ ବହି ଆଲୋଚନା (ରିଭ୍ୟୁ) କରିବା ପାଇଁ ଦେଇଥିଲେ । ଏହି ବହିଟିର ଲେଖିକା ଥିଲେ 'ଥିଓସଫିକାଲ୍ ସୋସାଇଟି'ର ପ୍ରତିଷ୍ଠାତ୍ରୀ ଏଇଚ. ପି. ବ୍ଲାଭାସ୍କି । ଏହି ବହିଟି ସମ୍ପର୍କରେ ଆଲୋଚନା ଲେଖିବା ପାଇଁ ତାହା ପଢ଼ିବା ବେଳେ ସେ ପ୍ରାଚ୍ୟ ଜଗତର ରହସ୍ୟବାଦ ପ୍ରତି ଏତେ ଆକୃଷ୍ଟ ହୋଇ ପଡ଼ିଲେ ଯେ, ସେ ସଙ୍ଗେ ସଙ୍ଗେ ବ୍ଲାଭାସ୍କିଙ୍କ ନିକଟକୁ ଯାଇ ବ୍ରହ୍ମ-ସମାଜ (Theosophical Society)ର ସଭ୍ୟା ଭାବେ ନାମ ଲେଖାଇଥିଲେ । ଏହାର ଦୁଇ

Digitized by srujanika@gmail.com

ବର୍ଷ ପରେ ବ୍ଲାଭାଟସ୍କିଙ୍କର ପରଲୋକ ଘଟିଲା । ଆନି ବେଶାନ୍ତ ୧୮୯୩ ମସିହାରେ ଭାରତକୁ ଆସିଥିଲେ ଏବଂ ତାଙ୍କର ଅବଶିଷ୍ଟ ଜୀବନ ଭାରତ ଭୂଖଣ୍ଡରେ ହିଁ ଅତିବାହିତ ହୋଇଥିଲା । ପ୍ରଥମେ ସେ ବନାରସଠାରେ ଅବସ୍ଥାନ କଲେ ଏବଂ କୋଡ଼ିଏ ବର୍ଷ ପରେ ସେଠାରୁ ମାନ୍ଦ୍ରାଜର ଆଦ୍ୟାରଠାରେ ଯାଇ ନିଜର ଏକ ବାସ-ଗୃହ ନିର୍ମାଣ କରି ଜୀବନର ଶେଷ କୋଡ଼ିଏ ବର୍ଷ ବିତାଇଥିଲେ ।

୧୮୪୭ ମସିହା ଅକ୍ଟୋବର ମାସ ପହିଲା ଦିନ ଆୟାର୍ଲାଣ୍ଡଠାରେ ଆନି ବେଶାନ୍ତଙ୍କର ଜନ୍ମ । ୧୮୯୩ରେ ଭାରତକୁ ଆସିଲା ବେଳକୁ ତାଙ୍କୁ ୪୬ ବର୍ଷ ବୟସ ହୋଇଥିଲା । ଶ୍ରୀମତୀ ବେଶାନ୍ତ-ଙ୍କର ସକ୍ରିୟ ସହଯୋଗ ଯୋଗୁ ବ୍ରାହ୍ମ-ସମାଜ ସଫଳତା ଅର୍ଜନ କରିପାରିଥିଲା । କାରଣ, ସେ ସ୍ପଷ୍ଟ ଅନୁଭବ କରିଥିଲେ ଯେ ପ୍ରାଚୀନ ହିନ୍ଦୁ ଧର୍ମ ଓ ଆଦର୍ଶର ପୁନର୍ଜାଗରଣ ଦ୍ୱାରା ହିଁ ଭାରତର ମଙ୍ଗଳ ସାଧିତ ହୋଇପାରିବ ।

ତେବେ, ଏହି ବ୍ରାହ୍ମ-ସମାଜ (ବା ଥିଓସଫିକାଲ ସୋସାଇଟି) ଯେଉଁଥିରେ ବେଶାନ୍ତ ଆତ୍ମନିୟୋଗ କରିଥିଲେ, ତାହା ରାଜା ରାମମୋହନ ରାୟଙ୍କର 'ବ୍ରାହ୍ମ-ସମାଜ', ଦେବେନ୍ଦ୍ରନାଥ ଠାକୁ-ରଙ୍କ 'ଭାରତୀୟ ବ୍ରାହ୍ମ-ସମାଜ' ବା କେଶବଚନ୍ଦ୍ର ସେନଙ୍କର 'ସାଧାରଣ ବ୍ରାହ୍ମ-ସମାଜ'ଠାରୁ ଭିନ୍ନ ଥିଲା । ଏହି ସମାଜ ବା ସମିତି (ଥିଓସଫିକାଲ ସୋସାଇଟି) ପ୍ରଥମେ ୧୮୭୫ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାରେ ଜନ୍ମ ନେଇଥିଲା । ଏହାର ଯୁଗ୍ମ ସ୍ଥାପୟିତା ଥିଲେ କର୍ଣ୍ଣେଲ ଏଇଚ୍‌. ଏସ୍‌. ଅଲକଟ୍ ଓ ଶ୍ରୀମତୀ ଏଇଚ୍‌. ପି. ବ୍ଲାଭାଟସ୍କି । ସେମାନେ ୧୮୭୯ ରେ ଭାରତକୁ ଆସିଥିଲେ ଏବଂ ମାନ୍ଦ୍ରାଜ ନିକଟବର୍ତ୍ତୀ ଆଦ୍ୟାରଠାରେ ଏହି ସମାଜର ମୁଖ୍ୟ କାର୍ଯ୍ୟାଳୟ ସ୍ଥାପନ କରିଥିଲେ । ୧୮୯୧ରେ ବ୍ଲାଭାଟସ୍କିଙ୍କର ମୃ

Digitized by srujanika@gmail.com

ତିରୋଧାନ ଘଟିଲା । ତାର ୧୮ବର୍ଷ ପରେ ୧୯୦୯ରେ ଅଲକଟଙ୍କର ମଧ୍ୟ ତିରୋଧାନ ଘଟିଲା । ଏହା ପରେ ବେଶାନ୍ତ ଅଲକଟଙ୍କ ସ୍ଥାନରେ ସଭାନେତ୍ରୀ ହେଲେ ଏବଂ ଆଜୀବନ ସେହି ପଦବୀ ମଣ୍ଡନ କରି ଏହି ବିଶ୍ୱବିଖ୍ୟାତ ସଙ୍ଗଠନର କାର୍ଯ୍ୟକ୍ରମ ନିୟନ୍ତ୍ରଣ କରିଥିଲେ ।

ଭାରତକୁ ଆସିବା ପୂର୍ବରୁ ଶ୍ରୀମତୀ ବେଶାନ୍ତ ନାସ୍ତିକାବାଦର ଓ ଶ୍ରମିକ ଉନ୍ନୟନର ନେତ୍ରୀ ରୂପେ ସାରା ଇଂଲଣ୍ଡରେ ଖ୍ୟାତି ଅର୍ଜନ କରିଥିଲେ । ଚାର୍ଲସ୍ ବାର୍ଡ଼ଲାଙ୍କ ସହଯୋଗରେ ସେ ବିଭିନ୍ନ ଗଣ-ଉନ୍ନୟନ ମୂଳକକାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ ଓ ନିର୍ଭୀକ ଭାବରେ ସମାଜବାଦୀ ଚିନ୍ତାଧାରା ପ୍ରଚାର କରିଥିଲେ । ଭାରତ ଆସିବା ପରେ ତାଙ୍କର ପ୍ରଥମ କାର୍ଯ୍ୟକ୍ରମ ଥିଲା ହିନ୍ଦୁ ଆଦର୍ଶର ପ୍ରଚାର ତଥା ହିନ୍ଦୁ ଧର୍ମର ସୁଦୃଢ଼ୀକରଣ ଓ ଧାର୍ମିକ ଶିକ୍ଷାର ପ୍ରସାର । ସେହି ସମୟରେ ଖ୍ରୀଷ୍ଟିୟାନ ମିଶନାରୀ-ମାନଙ୍କର ପ୍ରଚାର ଫଳରେ ଅନେକ ଶିକ୍ଷିତ ହିନ୍ଦୁଙ୍କ ମନରେ ମଧ୍ୟ ହିନ୍ଦୁ ଧର୍ମ ପ୍ରତି ବୈରାଗ୍ୟ ବା ବିତୃଷ୍ଣା ଆସିଥିଲା । ଏହାର ପ୍ରକୃତ ତାତ୍ପର୍ଯ୍ୟ ସେମାନେ ବୁଝିପାରି ନଥିଲେ ଏବଂ ଖ୍ରୀଷ୍ଟଧର୍ମ ଆଡ଼କୁ ଆକୃଷ୍ଟ ହୋଇ ପଡ଼ୁଥିଲେ । ଆନି ବେଶାନ୍ତ ବିଭିନ୍ନ ମନ୍ଦିର ଓ ଧର୍ମାନୁଷ୍ଠାନକୁ ଯାଇ ନିଜେ ବିଭିନ୍ନ ତତ୍ତ୍ୱ ଅନୁଧ୍ୟାନ କରି, ପାର-ମ୍ପରିକ ଚିତ୍ରକଳା, ସ୍ଥାପତ୍ୟ ଓ ଦେବୀପୀଠଗୁଡ଼ିକର ଇତିହାସ ସମ୍ପର୍କରେ ଗବେଷଣା କରି ହିନ୍ଦୁ ଧର୍ମର ବୈଶିଷ୍ଟ୍ୟକୁ ବୈଜ୍ଞାନିକ ଭଙ୍ଗୀରେ ବିଭିନ୍ନ ସଭାସମିତିରେ ନିଜର ଓଜସ୍ୱିନୀ ବକ୍ତୃତା ବଳରେ ଉପସ୍ଥାପନ କରିଥିଲେ ଏବଂ ସେଥିପ୍ରତି ଜନମାନସକୁ ଆକୃଷ୍ଟ କରିଥିଲେ । ହିନ୍ଦୁ ଆଦର୍ଶ ସମ୍ବଳିତ ବହୁ ପୌରାଣିକ ଗଳ୍ପ ପ୍ରଣୟନ କରି ସେ ବ୍ରାହ୍ମ-ସମାଜ ପକ୍ଷରୁ ବିତରଣ କରିଥିଲେ ଏବଂ ପ୍ରଥମ ଥର ପାଇଁ 'ଭଗବତ୍ ଗୀତା'କୁ ଇଂରାଜୀରେ ଅନୁବାଦ କରି ମାତ୍ର

Digitized by srujanika@gmail.com

ଦୁଇଅଣା (ବର୍ତ୍ତମାନର ବାର ପଇସା) ମୂଲ୍ୟରେ ପରିବେଷଣ କରିଥିଲେ । ହିନ୍ଦୁଜାତି ପାଇଁ ତାଙ୍କର ଏ ଦାନ ଚିରସ୍ମରଣୀୟ ଓ ଅପରିଶୋଧନୀୟ ।

ଶିକ୍ଷା କ୍ଷେତ୍ରରେ ସଂସ୍କାର ପ୍ରବର୍ତ୍ତନ କରି ସୁପ୍ତ ଜାତିକୁ ଜାଗ୍ରତ କରିବା ଦିଗରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ୧୮୯୮ ମସିହାରେ ବନାରସଠାରେ ସେ ସେଣ୍ଟ୍ରାଲ ହିନ୍ଦୁ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କରି ସେଠାରେ ତ୍ୟାଗମନା ଓ ଉଚ୍ଚଶିକ୍ଷିତ ଶିକ୍ଷକମାନଙ୍କୁ ନିଯୁକ୍ତ କରିଥିଲେ । ସେହି ଅନୁଷ୍ଠାନ ମୂଳରେ ନିଜର ସମସ୍ତ ଅର୍ଥ ଓ ଶକ୍ତି ବିନିଯୋଗ କରି ସେ ତାର ଭିତ୍ତିକୁ ସୁଦୃଢ଼ କରିଥିଲେ । ସେହି ଅନୁଷ୍ଠାନରୁ ଏକ ମାସିକ ପତ୍ରିକା ପ୍ରକାଶ ପାଇଥିଲା ଏବଂ ତାର ବାର୍ଷିକ ଗ୍ରାହକ ଚାନ୍ଦା ମାତ୍ର ଏକଟଙ୍କା ରଖାଯାଇଥିଲା । ଏହି ପତ୍ରିକାର ଦ୍ରୁତ ପ୍ରସାର ଘଟିଥିଲା ଏବଂ ଦେଶସାରା ଧର୍ମ ଓ ନୀତିମୂଳକ ଶିକ୍ଷାର ଉଦ୍ଦେଶ୍ୟ ତଥା ଆବଶ୍ୟକତା ସମ୍ପର୍କରେ ଜନତା ଅବହିତ ହୋଇ ପାରିଲେ । କାଳକ୍ରମେ ସେହି ଶିକ୍ଷାନୁଷ୍ଠାନ ମହାବିଦ୍ୟାଳୟରେ ପରିଣତ ହେଲା ଏବଂ ୧୯୧୬ ମସିହାରେ ବନାରସ ହିନ୍ଦୁ ବିଶ୍ୱ-ବିଦ୍ୟାଳୟର ତାହା ଏକ ମୁଖ୍ୟ ଅଂଶ ହୋଇଥିଲା ।

ଶ୍ରୀମତୀ ବେଶାନ୍ତ ୧୯୧୩ ମସିହାରେ ମାଦ୍ରାଜ ନିକଟବର୍ତ୍ତୀ ଆଡ଼ିଆରକୁ ତାଙ୍କର ବାସସ୍ଥାନ ପରିବର୍ତ୍ତନ କରିଥିଲେ ଏବଂ ସେଠାରେ ତାଙ୍କ ଭାରତୀୟ ସେବାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲା । ତାଙ୍କର ଆଧ୍ୟାତ୍ମିକ ଓ ଶିକ୍ଷାମୂଳକ କାର୍ଯ୍ୟକଳାପ ସାଙ୍ଗକୁ ସେ ରାଜନୈତିକ କ୍ଷେତ୍ରରେ ପଦାର୍ପଣ କରି ଭାରତୀୟ ଜାତୀୟତାକୁ ଉଦ୍ଦୀପିତ କରିବା ଦିଗରେ ବ୍ରତୀ ହୋଇଥିଲେ । ୧୯୧୪ ମସିହାରେ ସେ ଗୋଟିଏ ଦୈନିକ ପତ୍ରିକା (New India) ଏବଂ ଗୋଟିଏ ସାପ୍ତାହିକ ପତ୍ର (Common weal)

Digitized by srujanika@gmail.com

ପ୍ରକାଶ କରି ଭାରତରେ ସ୍ୱାୟତ୍ତ ଶାସନ ସପକ୍ଷରେ ଜନମତ ଜାଗ୍ରତ କରିଥିଲେ । ସେ ତିଲକଙ୍କ ଢାଞ୍ଚାରେ ୧୯୧୬ ସେପ୍‌ଟେମ୍ବର ମାସରେ ଅନ୍ୟ ଏକ "ହୋମ ରୁଲ୍ ଲିଗ୍" ଗଢ଼ିଥିଲେ । ଉଭୟ 'ଲିଗ୍' ପରସ୍ପର ମଧ୍ୟରେ ସହଯୋଗ ରକ୍ଷାକରି ଜାତୀୟ ଆନ୍ଦୋଳନକୁ ନୂତନ ଦିଗଦର୍ଶନ ଦେଇଥିଲା । ଆନି ବେଶାନ୍ତଙ୍କ ଜନୈକ ଜୀବନୀପ୍ରଣେତା ଶ୍ରୀ କେ. ସମନ୍ତଗିରି ଏହି ଯଥାର୍ଥରେ ଉଲ୍ଲେଖ କରିଛନ୍ତି, "ପ୍ରକୃତରେ କହିବାକୁ ଗଲେ, ୧୯୧୪ ଠାରୁ ୧୯୧୯ ପର୍ଯ୍ୟନ୍ତ ସମୟକୁ 'ହୋମ ରୁଲ୍ ଯୁଗ' ବୋଲି କୁହାଯାଇପାରେ । ୧୯୨୦ରେ ଗାନ୍ଧିଜୀଙ୍କ ଅଭ୍ୟୁଦୟ ପୂର୍ବରୁ ଶ୍ରୀମତୀ ବେଶାନ୍ତ ଓ ତିଲକଙ୍କ ବ୍ୟକ୍ତିତ୍ୱ ପ୍ରାଧାନ୍ୟ ଲାଭ କରିଥିଲା ।"

ଶ୍ରୀମତୀ ବେଶାନ୍ତ ତାଙ୍କ 'ଆତ୍ମଜୀବନୀ'ରେ ସ୍ପଷ୍ଟ ସ୍ୱୀକାର କରିଛନ୍ତି ଯେ ପ୍ରାଚୀନ ଧର୍ମ-ପରମ୍ପରାର ପୁନର୍ଜାଗରଣ ଫଳରେ "ଏକ ନୂତନ ଆତ୍ମମର୍ଯ୍ୟାଦା ଆସିଲା, ଅତୀତର ଗୌରବ ବଢ଼ିଲା, ଭବିଷ୍ୟତରେ ବିଶ୍ୱାସ ଜନ୍ମିଲା ଏବଂ ଏହାର ଅପରିହାର୍ଯ୍ୟ ପରିଣତି ସ୍ୱରୂପ ଜାତୀୟ-ଜୀବନର ଏକ ମହାସ୍ରୋତ ପ୍ରବାହିତ ହେଲା ଓ ଗୋଟିଏ ଜାତିର ପୁନର୍ଗଠନ ଘଟିଲା ।"

ବସ୍ତୁତଃ, ଶ୍ରୀମତୀ ବେଶାନ୍ତ ଭାରତର ସ୍ୱାଧୀନତା ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ । ଏପରିକି ସେ ଇଂଲଣ୍ଡ ଯାଇ ସେଠାରେ ଭାରତ ସପକ୍ଷରେ ଜନମତ ଜାଗ୍ରତ କରିଥିଲେ । ଶ୍ରମିକ ଦଳର ସଭ୍ୟମାନଙ୍କୁ ପ୍ରବର୍ତ୍ତାଇ ସେ 'କମନ୍‌ୱେଲ୍‌ଥ ଅଫ୍ ଇଣ୍ଡିଆ ବିଲ୍' ପ୍ରସ୍ତୁତ କରିଥିଲେ । ବ୍ରିଟିଶ ବିରୋଧୀ କାର୍ଯ୍ୟପାଇଁ ତାଙ୍କୁ ଜୁନ୍, ୧୯୧୭ରେ ଉଟକାମଣ୍ଡ ଠାରେ ଅଟକ ବନ୍ଦୀ ରୂପେ ରଖାଯାଇଥିଲା । ଏହାପରେ ବହୁ ଭାରତୀୟ

Digitized by srujanika@gmail.com

କଂଗ୍ରେସର ସଭ୍ୟନେତ୍ରୀ ହୋଇଥିଲେ । ଅବଶ୍ୟ, ଶେଷ ଜୀବନରେ ଗାନ୍ଧୀଜୀଙ୍କ ଅସହଯୋଗ ଆନ୍ଦୋଳନ ଓ ଅହିଂସା-ସତ୍ୟାଗ୍ରହ ନୀତିକୁ ନାପସନ୍ଦ କରି କାର୍ଯ୍ୟକ୍ଷେତ୍ରରୁ ଓହରି ଯାଇଥିଲେ । ତଥାପି ୧୯୩୩ରେ ତାଙ୍କର ତିରୋଧାନ ପରେ ଶ୍ରୀମତୀ ବେଶାନ୍ତଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ମହାତ୍ମା ଗାନ୍ଧୀ କହିଥିଲେ, 'ଯେତେଦିନ ପର୍ଯ୍ୟନ୍ତ ଭାରତ ବଞ୍ଚିଛି, ସେତେଦିନ ପର୍ଯ୍ୟନ୍ତ ତାଙ୍କର ଅପୂର୍ବ ସେବାର ସ୍ମୃତି ବଞ୍ଚି ରହିଥିବ ।'

—o—

Digitized by srujanika@gmail.com

॥ ପାଞ୍ଚ ॥

ଅଦୃଷ୍ଟପୂର୍ବ ମାତୃଆତ୍ମାର ଜୀବନ୍ତ ମୂର୍ତ୍ତି
ଭଗିନୀ ନିବେଦିତା

[୧୮୬୭—୧୯୧୧]

"ପୃଥିବୀରେ ଯାହା କିଛି ସବୁଠାରୁ ବଡ଼ ଜିନିଷ ଆମେ ପାଉ, ତାହା ବିନା ମୂଲ୍ୟରେ ପାଇଥାଉ । ସେଥିପାଇଁ ଦରଦାମ କରିବାକୁ ପଡ଼େ ନାହିଁ । ମୂଲ୍ୟ ଦେବାକୁ ପଡ଼ୁ ନ ଥିବାରୁ ଜିନିଷଟା କେତେ ବଡ଼, ତାହା ଆମେ ପୂରା ବୁଝି ପାରୁନାହୁଁ । ଭଗିନୀ ନିବେଦିତା ଆମକୁ ଯେଉଁ ଜୀବନ ଦେଇ ଯାଇଛନ୍ତି, ତାହା ଅତି ମହତ୍ ଜୀବନ । ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ଯାହା ନିଜର ସବୁଠୁଁ ଶ୍ରେଷ୍ଠ, ନିଜର ଯାହା ମହତ୍ତମ, ତାହାହିଁ ସେ ଦାନ କରିଛନ୍ତି । ତାଙ୍କର ପଣ ଥିଲା—ଯାହା ନିତାନ୍ତ ବିଶୁଦ୍ଧ, ତାହାହିଁ ସେ ଦେବେ, ସେଥିରେ ସ୍ୱାର୍ଥକୁ ଟିକିଏ ହେଲେ ମିଶାଇବେ ନାହିଁ ଯେପରିକି ତାଙ୍କର କ୍ଷୁଧା, ତୃଷ୍ଣା, ଲାଭ, କ୍ଷତି, ଖ୍ୟାତି, ପ୍ରତିପତ୍ତି କିଛି ନାହିଁ"—ଏହା ହେଉଛି ଭଗିନୀ ନିବେଦିତାଙ୍କ ସମ୍ପର୍କରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଉକ୍ତି ।

ଭଗିନୀ ନିବେଦିତା ଥିଲେ ଜଣେ ରକ୍ତ-ମାଂସରେ ଗଢ଼ା ଜଣେ ନାରୀ, ଯାହାଙ୍କର ଆତ୍ମା ଓ ହୃଦୟ ଥିଲା ସମ୍ପୂର୍ଣ୍ଣ ଭାରତୀୟ ।

Digitized by srujanika@gmail.com

ତାଙ୍କଠାରେ ନାରୀ ସୁଲଭ କୋମଳତା ସାଙ୍ଗକୁ ଶୋଭା ପାଉଥିଲା ପୁରୁଷୋଚିତ ଦୃଢ଼ତା ଓ ଏକାଗ୍ରତା । ସେ ଥିଲେ ଯଥାର୍ଥରେ ଜଣେ ନିଷ୍ଠାପରାୟଣା କର୍ମଯୋଗୀ । ଭାରତ ମାଟିରେ ଜନ୍ମ ନ ହୋଇଥିଲେ ମଧ୍ୟ ସେ ଭାରତ ପାଇଁ ସର୍ବସ୍ୱ ଦାନ କରିଥିଲେ ଅକୁଣ୍ଠିତ ଚିତ୍ତରେ, ଉଦାର ହୃଦୟରେ । ସେଥିପାଇଁ ସାର୍ ସୁରେନ୍ଦ୍ରନାଥ ବାନାର୍ଜୀ ଯଥାର୍ଥରେ କହିଥିଲେ, ଭଗିନୀ ନିବେଦିତା "ଜଣେ କୌଣସି ପ୍ରାଚୀନକାଳୀନ ଉଦାର ଋଷିପ୍ରାଣର ଅବତାର ।" ଆଉ ରବୀନ୍ଦ୍ରନାଥ ଠାକୁରଙ୍କ ମତରେ ସେ ଥିଲେ 'ଅଦୃଷ୍ଟପୂର୍ବ ମାତୃଆତ୍ମାର ଏକ ଜୀବନ୍ତ ମୂର୍ତ୍ତି ।'

ଭଗିନୀ ନିବେଦିତାଙ୍କର ମୂଳ ଖ୍ରୀଷ୍ଟୀୟ ନାମ ଥିଲା ମାର୍ଗାରେଟ ନୋବେଲ୍ । ସେ ୧୮୬୭ ମସିହା ଅକ୍ଟୋବର ୨୮ ତାରିଖରେ ଆୟାରଲଣ୍ଡ ଅନ୍ତର୍ଗତ ଟାଇରନ୍‌ଠାରେ ଜନ୍ମଗ୍ରହଣ କରିଥିଲେ । ସେ ଲଣ୍ଡନରୁ ବିଶ୍ୱବିଦ୍ୟାଳୟ ଡିଗ୍ରୀ ହାସଲ କଲାପରେ ଜଣେ ଶିକ୍ଷୟିତ୍ରୀ ରୂପେ ଜୀବିକା ଆରମ୍ଭ କରିଥିଲେ । ସେତେବେଳେ ସେ ଜଣେ ଯୁବକଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କୁ ବିବାହ କରିବା ପାଇଁ ନିଷ୍ପତ୍ତି କରିଥିଲେ; କିନ୍ତୁ ଦୈବୀ ଦୁର୍ବିପାକ ଫଳରେ ତାଙ୍କ ଭାବୀ ସ୍ୱାମୀଙ୍କର ଆକସ୍ମିକ ମୃତ୍ୟୁ ଘଟିଥିଲା ଏବଂ ତାଙ୍କ ଜୀବନ-ସ୍ରୋତ ଭିନ୍ନ ମୋଡ଼ ନେଇଥିଲା ।

ମାର୍ଗାରେଟ୍ ସବୁ କଷ୍ଟ ଭୁଲିଯିବା ପାଇଁ ଚେଷ୍ଟାକରି ନିଜକୁ ଶିକ୍ଷାକ୍ଷେତ୍ରରେ ସମ୍ପୂର୍ଣ୍ଣ ବୁଡାଇ ଦେଲେ । ଲଣ୍ଡନଠାରେ ଗୋଟିଏ ଗବେଷଣା ମୂଳକ ଶିକ୍ଷାନୁଷ୍ଠାନ ଖୋଲି ସେଥିରେ ନିଜକୁ ନିୟୋଜିତ କଲେ । ହକ୍ସଲି, ଶାପୋଧିୟର ଓ ବର୍ଣ୍ଣାଡ଼୍‌ଶ ପ୍ରମୁଖ ଶିକ୍ଷାବିତଙ୍କ ସମ୍ପର୍କରେ ଆଗମନ ସତ୍ତ୍ୱେ ତାଙ୍କର ମାନସ-ରାଜ୍ୟରେ ଏକ ପ୍ରଚ୍ଛନ୍ନ ଆଧ୍ୟାତ୍ମିକ ସ୍ରୋତ ଅବାରିତ ଧାରାରେ ପ୍ରବାହିତ

Digitized by srujanika@gmail.com

ହେଉଥିଲା ଏବଂ ସେହି ପରିବେଶ, ଶିକ୍ଷାୟତନ ତଥା କର୍ମକ୍ଷେତ୍ର ତାଙ୍କୁ ଶୁଷ୍କ, ନୀରସ ଓ ଅଭାବମୟ ବୋଧ ହେଉଥିଲା । ସେ ଅନୁସନ୍ଧାନ କରୁଥିଲେ ଜୀବନର ସତ୍ୟ ସମ୍ପର୍କରେ; ସେ ଖୋଜୁଥିଲେ ଶାନ୍ତି, ବ୍ୟାପ୍ତି, ମୁକ୍ତି ।

ତାଙ୍କର ସେହି ମାନସିକ ଅନିଶ୍ଚିତତା ବେଳେ ସେ ୧୮୯୫ ମସିହାରେ ସ୍ୱାମୀ ବିବେକାନନ୍ଦଙ୍କର ସଂସ୍ପର୍ଶରେ ଆସିଲେ । ସେହି ସମୟରେ ବିବେକାନନ୍ଦ ପାଶ୍ଚାତ୍ୟ ଜଗତରେ ବେଦାନ୍ତ ଦର୍ଶନ ପ୍ରଚାରରେ ଯାଇଥିଲେ ଏବଂ ସେତେବେଳକୁ ୧୮୯୩ ରେ ଚିକାଗୋଠାରେ ଅନୁଷ୍ଠିତ ନିଖିଳ ବିଶ୍ୱଧର୍ମ ମହାସଭାରେ ତାଙ୍କର ଐତିହାସିକ ଅଭିଭାଷଣ ବିଶ୍ୱଜନମାନସକୁ ଆଲୋଡ଼ିତ କରି ସାରିଥିଲା । ମାର୍ଗାରେଟ୍ ବିବେକାନନ୍ଦଙ୍କ ସହିତ ପ୍ରଥମ ସାକ୍ଷାତ ବେଳେ ତାଙ୍କର ଗୈରିକ ବସନ ଓ ତେଜୋଦୀପ୍ତ ବଦନମଣ୍ଡଳ ଦେଖି ବିଭୋର ହୋଇ ଉଠିଥିଲେ । ବିବେକାନନ୍ଦଙ୍କର ଲଣ୍ଡନ ଅବସ୍ଥାନ କାଳରେ ସେ ତାଙ୍କ ସହିତ ଏକାଧିକବାର ସାକ୍ଷାତ ଓ ପରାଳାପ କରି ଜୀବନ, ଧର୍ମ ଓ ବେଦାନ୍ତ ଦର୍ଶନ ସମ୍ବନ୍ଧରେ ତତ୍ତ୍ୱ ଆହରଣ କରିଥିଲେ ଏବଂ ବିବେକାନନ୍ଦଙ୍କ ବ୍ୟକ୍ତିତ୍ୱ, ଦର୍ଶନ ଓ ଆଦର୍ଶ ତଥା ବେଦାନ୍ତ ଦର୍ଶନ ପ୍ରତି ପୂର୍ଣ୍ଣତଃ ଆସକ୍ତା ହୋଇ ପଡ଼ିଥିଲେ ।

ସ୍ୱାମୀ ବିବେକାନନ୍ଦଙ୍କର ଆଧ୍ୟାତ୍ମିକ ଦର୍ଶନ ମାର୍ଗାରେଟଙ୍କର ସୁପ୍ତ ଧାର୍ମିକ ଚେତନାକୁ ଜାଗ୍ରତ କରିଥିଲା । ସେ ବେଳକୁ ବେଳ ସ୍ୱାମୀଜୀଙ୍କ ପ୍ରତି ଅଧିକରୁ ଅଧିକ ଆକୃଷ୍ଟ ହୋଇ ଉଠିଥିଲେ । ତାଙ୍କ ସହ ବିଭିନ୍ନ ସ୍ଥାନକୁ ଯାଉଥିଲେ, ତାଙ୍କର ବକ୍ତବ୍ୟ ଶୁଣୁଥିଲେ ଏବଂ ଲଣ୍ଡନସ୍ଥ ବେଦାନ୍ତ କେନ୍ଦ୍ର ସହିତ ନିବିଡ଼ ଭାବେ ଜଡ଼ିତା ହୋଇ ପଡ଼ିଥିଲେ । କାଳକ୍ରମେ ସେ

Digitized by srujanika@gmail.com

କଲିକତାର ରାମକୃଷ୍ଣ ମିଶନ କାର୍ଯ୍ୟାଳୟ ସହିତ ମଧ୍ୟ ସମ୍ପର୍କ ସ୍ଥାପନ କଲେ । ବେଦାନ୍ତ ଦର୍ଶନ ତାଙ୍କୁ ବିମୋହିତ କଲା; ଭାରତର ଆହ୍ୱାନରେ ସେ ବ୍ୟାକୁଳିତା ହୋଇ ପଡ଼ିଲେ । ସେତେବେଳେ ବିବେକାନନ୍ଦ ତାଙ୍କୁ ସାନ୍ତ୍ୱନା ଦେବାକୁ ଯାଇ ଲେଖିଥିଲେ— 'ତୁମେ ଏଠାକୁ ଆସିବା ଅପେକ୍ଷା ଇଂଲଣ୍ଡରେ ଥାଇ ଆମ ପାଇଁ ଅଧିକ କାର୍ଯ୍ୟ ସମ୍ପାଦନ କରି ପାରିବ ।'

କିନ୍ତୁ ସ୍ୱାମୀଜୀଙ୍କର ବାରଣ ସତ୍ତ୍ୱେ ମାର୍ଗାରେଟ ଭାରତ ଆସିବା ପାଇଁ ଉତ୍କଣ୍ଠିତା ହୋଇ ଉଠିଥିଲେ । ସେ ସେଥିପାଇଁ ବାରମ୍ବାର ବିବେକାନନ୍ଦଙ୍କର ଅନୁଗ୍ରହ ଓ ଅନୁମତି ଭିକ୍ଷା କରିଥିଲେ । ଅବଶେଷରେ ସେଥିଲାଗି ବିବେକାନନ୍ଦ ତାଙ୍କୁ ଅନୁମତି ଦେଇ ଏକ ପତ୍ର ଲେଖିଥିଲେ । ୧୮୯୭ ମସିହା ଜୁଲାଇ ୨୯ ତାରିଖରେ ପ୍ରେରିତ ସେହି ପତ୍ରରେ ସେ ସ୍ପଷ୍ଟ ସୂଚାଇ ଦେଇଥିଲେ—"ତୁମକୁ ହୃଦୟ ଖୋଲି କହିବାକୁ ଗଲେ, ମୁଁ ବର୍ତ୍ତମାନ ହୃଦୟଙ୍ଗମ କରୁଛି ଯେ ଭାରତରେ କାର୍ଯ୍ୟ କରିବା ଲାଗି ତୁମ ପାଇଁ ଏକ ବିରାଟ ଭବିଷ୍ୟତ ରହିଛି । ଜଣେ ପୁରୁଷ ନୁହେଁ, ଜଣେ ନାରୀର ଆବଶ୍ୟକତା ରହିଥିଲା । ଭାରତୀୟମାନଙ୍କ ପାଇଁ, ବିଶେଷତଃ ନାରୀମାନଙ୍କ ପାଇଁ କାର୍ଯ୍ୟ କରିବା ଲାଗି ଗୋଟାଏ ସିଂହୀ ଦରକାର । ଭାରତ ଏ ପର୍ଯ୍ୟନ୍ତ ମହୀୟସୀ ମହିଳାମାନଙ୍କୁ ଜନ୍ମ ଦେଇ ପାରିନାହିଁ, ତାକୁ ସେମାନଙ୍କୁ ଅନ୍ୟ ଦେଶରୁ ଧାରକରି ଆଣିବାକୁ ପଡ଼ିବ । ତୁମର ଶିକ୍ଷା, ନିଷ୍ଠା, ପବିତ୍ରତା, ପ୍ରେମ, ଦୃଢ଼ତା ଓ ସର୍ବୋପରି ତୁମର ରକ୍ତ ତୁମକୁ ଆବଶ୍ୟକତା ଅନୁସାରେ ଉପଯୁକ୍ତ କରି ଗଢ଼ିଛି ।"

"ତଥାପି ଅସୁବିଧା ଅନେକ । ଏଠାକାର ଦୈନ୍ୟ, ଦାସତ୍ୱ ଓ ଅନ୍ଧବିଶ୍ୱାସ ସମ୍ବନ୍ଧରେ ତୁମେ କଳ୍ପନା କରିପାରିବ ନାହିଁ ।

Digitized by srujanika@gmail.com

ତୁମେ ଏଠାରେ ଅର୍ଦ୍ଧନଗ୍ନ ନରନାରୀଙ୍କ ଗହଣରେ ରହିବାକୁ ପଡ଼ିବ, ଯେଉଁମାନଙ୍କର ଜାତିଭେଦ ଓ ସ୍ପୃଶ୍ୟାସ୍ପୃଶ୍ୟ ଭାବ କଳ୍ପନାତୀତ କମାକାର । ଶ୍ୱେତକାୟମାନଙ୍କ ଦ୍ୱାରା ଘୃଣ୍ୟ ହୋଇ ସେମାନଙ୍କ ପ୍ରତି ଘୃଣା ଓ ଭୟରେ ସେମାନେ ସ୍ୱତନ୍ତ୍ର । ଅନ୍ୟ ପକ୍ଷରେ, ଗୋରମାନେ ତୁମକୁ ଦେହବିତ୍ ଗ୍ରହଣ କରିବେ ଓ ତୁମର ପ୍ରତ୍ୟେକ କାର୍ଯ୍ୟକଳାପ ସନ୍ଦେହରେ ସହ ଅନୁସନ୍ଧାନ କରାଯିବ ।"

"ଏତଦୁପରି ଏଠାକାର ଜଳବାୟୁ ଖୁବ ଗରମ । ଅଧିକାଂଶ ସ୍ଥାନରେ ଆମର ଶୀତଋତୁ ତୁମର ଗ୍ରୀଷ୍ମଦିନ ପରି । ଦକ୍ଷିଣାଞ୍ଚଳରେ ସବୁବେଳେ ଅଗ୍ନି ବର୍ଷୁଥାଏ । ସହରଗୁଡ଼ିକୁ ଛାଡ଼ିଦେଲେ ଅନ୍ୟ କେଉଁଠାରେ ତୁମକୁ ଗୋଟିଏ ହେଲେ ୟୁରୋପୀୟ ଆରାମ ମିଳିବ ନାହିଁ । ଏସବୁ ସତ୍ତ୍ୱେ, ତୁମେ ଯଦି ଏଠାରେ କାର୍ଯ୍ୟ କରିବାକୁ ପ୍ରସ୍ତୁତ, ମୁଁ ତୁମକୁ ସ୍ୱାଗତ କରିବି, ଶତବାର ସ୍ୱାଗତ ଜଣାଇବି ।"

ଏହି ପତ୍ର ପାଇବା ପରେ ମାର୍ଗାରେଟ ଆସି ପହଞ୍ଚିଗଲେ କଲିକତା ବନ୍ଦରରେ । ସେଠାରେ ବିବେକାନନ୍ଦ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ମାର୍ଗାରେଟ ରବୀନ୍ଦ୍ରନାଥ, ଜଗଦୀଶଚନ୍ଦ୍ର ବୋଷ, ବିପିନଚନ୍ଦ୍ର ପାଲ, ଗୋପାଳକୃଷ୍ଣ ଗୋଖେଲ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଜାତୀୟ ନେତାଙ୍କର ସଂସ୍ପର୍ଶରେ ଆସିଥିଲେ । ସେ ବଙ୍ଗାଳୀ ଭାଷା ଶିକ୍ଷା କରିଥିଲେ । ଜନସେବା ପାଇଁ ଦେଶ ସେବାରେ ସେ ନିଜକୁ ଉତ୍ସର୍ଗ କରି ଦେଇଥିଲେ ।

ବିବେକାନନ୍ଦ ମାର୍ଗାରେଟଙ୍କୁ ଅନନ୍ତବଳରମ୍ଭ ସନ୍ନ୍ୟାସ ଧର୍ମରେ ଦୀକ୍ଷିତ କରାଇ ନିଜର ଶିଷ୍ୟା ରୂପେ ଗ୍ରହଣ କଲେ ଏବଂ ତାଙ୍କୁ 'ନିବେଦିତା' ନାମରେ ଭୂଷିତ କଲେ । ନିଃସ୍ୱାର୍ଥ ପ୍ରେମ,

Digitized by srujanika@gmail.com

ତରସବଣ୍ଡ ଓ ଆତ୍ମତ୍ୟାଗର ମହାମନ୍ତ୍ରରେ ନିବେଦିତାଙ୍କର ଉଦ୍‌ବେଳିତ ପ୍ରାଣ ଉଦ୍‌ବୁଦ୍ଧ ହୋଇ ଉଠିଲା । ସେ ନିଜେ ନାରୀମାନଙ୍କ ପାଇଁ ଏକ ମହିଳା ବିଦ୍ୟାଳୟ ଆରମ୍ଭ କରି ଜଣସେବାରେ ଆତ୍ମନିୟୋଗ କଲେ । ସେତେବେଳେ ଉଦ୍‌ଭବ ହୋଇଥିବା ପ୍ଲେଗ ମହାମାରୀର ନିରାକରଣ ଉଦ୍ଦେଶ୍ୟରେ ରାମକୃଷ୍ଣ ମିଶନ ସହିତ ସଂଶ୍ଳିଷ୍ଟ ହୋଇ ରୋଗୀମାନଙ୍କର ସେବା ଶୁଶ୍ରୂଷା ଠାରୁ ଆରମ୍ଭ କରି ବସ୍ତି ସଫେଇ, ନର୍ଦ୍ଦମା ପରିଷ୍କାର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟ ନିଜ ହାତରେ କରୁଥିଲେ । ସେ ଥିଲେ ନିବ୍-ମିଷାଶିନୀ, ଜଣେ ଚରମ ସନ୍ନ୍ୟାସିନୀ । ଏପରିକି ସେ କୋମଳ ତଳପ ବା ବିଜୁଳୀ ପଙ୍ଖା ମଧ୍ୟ ବ୍ୟବହାର କରୁ ନ ଥିଲେ ।

୧୮୯୯ ମସିହାରେ ସେ ବିବେକାନନ୍ଦଙ୍କ ସାଙ୍ଗରେ ପାଶ୍ଚାତ୍ୟ ଭ୍ରମଣରେ ଯାଇ ପେରିସ୍ ଓ ଲଣ୍ଡନର ବିଭିନ୍ନ ସ୍ଥାନରେ ଭାରତୀୟ ଧର୍ମ, ବେଦାନ୍ତ ଦର୍ଶନ ଓ ହିନ୍ଦୁ ନାରୀର ଆଦର୍ଶ ଆଦି ବିଭିନ୍ନ ବିଷୟରେ ମର୍ମସ୍ପର୍ଶୀ ଭାଷଣମାନ ଶୁଣାଇଥିଲେ । ତାଙ୍କର ଭାରତ ପ୍ରତ୍ୟାବର୍ତ୍ତନର ଅଳ୍ପକାଳ ପରେ ୧୯୦୨ ମସିହାରେ ବିବେକାନନ୍ଦଙ୍କର ଦେହାବସାନ ଘଟିଥିଲା ଏବଂ ତାହା ପରେ ଭଗିନୀ ନିବେଦିତା ଗୁରୁଦେବଙ୍କ ଆଦେଶରେ ଅଧିକ ଅନୁପ୍ରାଣିତ ହୋଇ ପଡ଼ିଥିଲେ ।

୧୯୦୫ ମସିହାରେ ବଙ୍ଗ-ଭଙ୍ଗ ଘୋଷିତ ହେଲା ପରେ ଭଗିନୀ ନିବେଦିତା ଭାରତରେ ଜାତୀୟତାଭାବ ଜାଗ୍ରତ କରିବାରେ ବ୍ରତୀ ହୋଇ ଜନମାନସକୁ ଦେଶାତ୍ମବୋଧମୂଳକ ରଚନା ଓ ଉଦ୍‌ବୋଧନ ଦ୍ୱାରା ଆନ୍ଦୋଳିତ କରିଥିଲେ । କଲିକତା ଠାରେ ଏକ କନ୍ୟାର ଟାର୍ଣ୍ଣର ସ୍କୁଲ ପ୍ରତିଷ୍ଠା କରି ସୂଚୀକର୍ମ, ଶିଳ୍ପକଳା, ସୂତାକଟା ଓ ହସ୍ତଶିଳ୍ପାଦି ବିଷୟ ଶିକ୍ଷାଦେବା ଏବଂ ଦେଶୀ ପୋ

ପୌଢ଼ ଶିକ୍ଷାଦାନ କରିବା ଦ୍ୱାରା ଆବାଳ-ବୃଦ୍ଧବନିତା ସମସ୍ତଙ୍କୁ ଭାରତୀୟ ମହାଭାବରେ ଉଦ୍ଦୀପିତ କରି ପାରିଥିଲେ । ସେତେବେଳେ ବଙ୍କିମଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଗାଇବା ନିଷିଦ୍ଧ ହୋଇଥିଲେ ସୁଦ୍ଧା ସେ ତାକୁ ପ୍ରାର୍ଥନା-ସଙ୍ଗୀତ ରୂପେ ପ୍ରଚଳନ କରିଥିଲେ ।

ଭଗିନୀ ନିବେଦିତାଙ୍କର କାର୍ଯ୍ୟକଳାପର ମୁଖ୍ୟ ଆଭିମୁଖ୍ୟ ଥିଲା ଭାରତର ରାଜନୈତିକ ମୁକ୍ତି, ଭାରତୀୟ ନାରୀର ଜାଗରଣ ଏବଂ ଭାରତୀୟ ଧର୍ମ ଓ ସଂସ୍କୃତିର ବିକାଶ ସାଧନ । ସାମାଜିକ ବିକାଶ ଦିଗରେ ସେବାମୟ କାର୍ଯ୍ୟକ୍ରମ ସାଙ୍ଗକୁ ତାଙ୍କର ସୃଜନାତ୍ମକ ଅବଦାନ ମଧ୍ୟ ରହିଥିଲା । 'ଦି ୱେବ୍ ଅଫ୍ ଇଣ୍ଡିୟାନ୍ ଲାଇଫ୍,' 'ଫୁଟ୍‌ଫାଲ୍‌ସ ଅଫ୍ ଇଣ୍ଡିଆନ୍ ହିଷ୍ଟ୍ରି', 'କ୍ରେଡ୍‌ଲ୍ ଟେଲସ୍ ଅଫ୍ ହିନ୍ଦୁଇଜମ୍', 'ଆଗ୍ରେସିଭ୍ ହିନ୍ଦୁଇଜମ୍', 'ହିଣ୍ଟସ୍ ଅନ ନେଶନାଲ୍ ଏଜୁକେଶନ୍', 'ଦି ମାଷ୍ଟର ଏଜ୍ ଆଇ ସ ହିମ୍' ପ୍ରଭୃତି ଇଂରାଜୀ ପୁସ୍ତକ ତାଙ୍କର ଅମର କୃତିର ଜ୍ୱଳନ୍ତ ସ୍ୱାକ୍ଷର ବହନ କରେ । ୧୯୧୧ ମସିହାରେ ମାତ୍ର ୪୪ ବର୍ଷ ବୟସରେ ତାଙ୍କର ଅକାଳ ମୃତ୍ୟୁ ଫଳରେ ସମଗ୍ର ମାନବ ସମାଜର ଯେ ଅପୂରଣୀୟ କ୍ଷତି ଘଟିଲା, ଏହା ନିଃସନ୍ଦେହ ।

—o—

Digitized by srujanika@gmail.com

॥ ଛଅ ॥

ପବିତ୍ର ମାତୃଆଦର୍ଶର ପ୍ରତୀକ

ଶାରଦା ଦେବୀ

[୧୮୫୩—୧୯୨୦]

ଜୀବନରେ ଭରା ଯୌବନର ଉଚ୍ଛଳ ତରଙ୍ଗ । ରୂପ, ରସ ବିଭାସିତ ଅଙ୍ଗରାଜ । ବୟସ ମାତ୍ର ଊନେଇଶ । ଦକ୍ଷିଣେଶ୍ୱରର ଛନ୍ଦୋମୟ ପରିବେଶ । ସମୟ ନିଶାର୍ଦ୍ଧ କାଳ ।

ଏହା ଥିଲା ଶାରଦା ଦେବୀଙ୍କର ବିବାହିତ ସ୍ୱାମୀ ଶ୍ରୀ ରାମକୃଷ୍ଣ ପରମହଂସଙ୍କ ସହିତ ପ୍ରଥମ ମଧୁର ମିଳନର ପବିତ୍ର ମୁହୂର୍ତ୍ତ । ଏହା ୧୮୭୨ ମସିହାର ଘଟଣା ।

ଦୀର୍ଘ ବାର ବର୍ଷ ପୂର୍ବେ ବାଲ୍ୟ-ବିବାହ କରିଥିବା ପତ୍ନୀଙ୍କୁ ଶ୍ରୀ ରାମକୃଷ୍ଣ ମନ ଭିତରୁ ଏକ ପ୍ରକାର ପାସୋରି ଦେଇଥିଲେ, ସୁଦ୍ଧା ସେଦିନ ନିଶୀଥରେ ସେ ତାଙ୍କ ପାଦରେ ସ୍ୱାଗତ କରିଥିଲେ ଏବଂ ଅତି କୋମଳ ଭାବରେ ପଚାରିଥିଲେ—ତୁମେ କଣ ମୋତେ ସାଂସାରିକ ସ୍ତରକୁ ଟାଣି ଆଣିବାକୁ ଇଚ୍ଛାକରି ଏଠାକୁ ଆସିଛ ?

ଶାରଦା ଦେବୀ ତାର ଧୀର ଓ ଦୃଢ଼ କଣ୍ଠର ଦେଇ କହିଥିଲେ—ନା । ମୁଁ ଆପଣଙ୍କୁ ତଳକୁ ଟାଣି ଆଣିବ କାହିଁକି ? ମୁଁ ଏଠାକୁ ଆସିଛି ଆପଣଙ୍କର ସେବା କରିବା ପାଇଁ ସେଥିନିକ

Digitized by srujanika@gmail.com

ଆପଣ ଆପଣଙ୍କର ଲକ୍ଷ୍ୟ ପଥରେ ଅଧିକ ଅଗ୍ରସର ହୋଇ ପାରିବେ ।

ସେତେବେଳେ ଶାରଦା ଦେବୀ ଯାହା କହିଥିଲେ ତାହା ତାଙ୍କର ମନ ଭୁଲାଣିଆ କଥା ନଥିଲା । ସେ ତାହା ଅତି ଆନ୍ତରିକତାର ସହିତ କହିଥିଲେ । ତାହା ଥିଲା ଶାରଦା ଦେବୀଙ୍କର ଅନ୍ତରାତ୍ମାର ସ୍ପଷ୍ଟ ବାଣୀ । ଜୀବନ ସାରା ତାକୁ ସେ ଅକ୍ଷରେ ଅକ୍ଷରେ ପାଳିଥିଲେ । ଯୌବନ ଉନ୍ମାଦନାର ଉପଶମ ଲାଗି ସେ ସ୍ୱାମୀଙ୍କର ସାହଚର୍ଯ୍ୟ କାମନା କରି ନ ଥିଲେ, ତାହା ସେ ଗ୍ରହିଁଥିଲେ ଶିଷ୍ୟା ଭାବରେ, ସେବିକା ରୂପରେ । ବିବାହିତା ପତ୍ନୀ ହୋଇ, ଅଙ୍ଗରେ ଯୌବନର ବୋଝ ବୋହି, ସ୍ୱାମୀଙ୍କର ସାନିଧ୍ୟ ପାଇ ମଧ୍ୟ ସେ ଥିଲେ ଆଜୀବନ ବ୍ରହ୍ମଚାରିଣୀ, ନିଷ୍କାମ ସେବା, କଠୋର ସଂଯମ ଓ ପରମ ପବିତ୍ରତାର ଅଦ୍ୱିତୀୟ ଅବତାର ।

ପଶ୍ଚିମବଙ୍ଗ ଅନ୍ତର୍ଗତ ବାଙ୍କୁଡ଼ା ଜିଲ୍ଲାର ଗୋଟିଏ କ୍ଷୁଦ୍ର ଗ୍ରାମ ଜୟରାମବାଟି ଠାରେ ୧୮୫୩ ମସିହା ଡିସେମ୍ବର ୨୨ ତାରିଖରେ ଶାରଦାମଣୀଙ୍କର ଜନ୍ମ । ତାଙ୍କର ପିତାମାତା ଅତି ଗରିବ ଥିଲେ; କିନ୍ତୁ ସେ ଜନ୍ମ ହେବା ପରେ ପରିବାରର ଭାଗ୍ୟ ପରିବର୍ତ୍ତନ ଘଟିଥିଲା । ଶାରଦାମଣୀଙ୍କ ସହିତ ସୁଖ ସୌଭାଗ୍ୟର ଆଗମନ ବି ଘଟିଥିଲା । ତେଣୁ ପିତାମାତା ଭାଗ୍ୟବତୀ କନ୍ୟାଟିକୁ ଅତି ଆଦରରେ ସହ ଲାଳନପାଳନ କରିଥିଲେ ।

ଶାରଦା ଅତି ବାଲ୍ୟବୟସରୁ ଖୁବ୍ କର୍ମତତ୍ପର ଥିଲେ ଏବଂ ଗୃହକାର୍ଯ୍ୟରେ ମାତାଙ୍କୁ ସାହାଯ୍ୟ କରୁଥିଲେ । ସେତେବେଳେ ରାମକୃଷ୍ଣ ସଂସାର ପ୍ରତି ବୀତସ୍ପୃହ ହୋଇ ଉଦାସୀ ସନ୍ନ୍ୟାସୀ ପାଲଟି ଯାଇ ଥିବାରୁ ତାଙ୍କ ପିତାମାତା ତାଙ୍କୁ ୨୩ ବର୍ଷ

ବୟସରେ ଶାରଦାମଣୀଙ୍କ ସହ ବିବାହ କରାଇ ଦେଇଥିଲେ । ସେହି ବିବାହ ବେଳକୁ ଶାରଦାଙ୍କର ବୟସ ମାତ୍ର ଛଅ ବର୍ଷ ।

ସେହି କମ୍ ବୟସରେ ମଧ୍ୟ ଶାରଦାମଣି ସ୍ୱାମୀଙ୍କର ମନୋଭାବ ସମ୍ପର୍କରେ ଅନ୍ୟମାନଙ୍କ ଠାରୁ ଶୁଣି ତାର ମହତ୍ତ୍ୱ ବେଶ୍ ଉପଲବ୍ଧି କରି ପାରିଥିଲେ ଏବଂ ନିଜେ ଭଗବତ୍ ପ୍ରେମ ରସ ଆସ୍ୱାଦନ ଲାଗି ଲାଳାୟିତ ହୋଇ ଉଠିଥିଲେ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ସେ ସ୍ୱାମୀ ରାମକୃଷ୍ଣଙ୍କର ସାଧନାମୟ ଜୀବନ ପ୍ରତି ଅଧିକ ଆକୃଷ୍ଟ ହୋଇଥିଲେ ଏବଂ ତାଙ୍କର ସଂସାରିକ ମୋହ କମି କମି ଯାଇଥିଲା ।

୧୮୭୨ ମସିହାର ଷୋଡ଼ଶୀ-ପୂଜା ଅବସରରେ ଶାରଦାମଣୀ ଓ ଶ୍ରୀ ରାମକୃଷ୍ଣଙ୍କର ପ୍ରଥମ ମିଳନ ଘଟିଥିଲା ରାଣୀ ରାସମଣୀଙ୍କର ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ । ରାମକୃଷ୍ଣ ଦିବ୍ୟ ଦୃଷ୍ଟି ବଳରେ ଆଗରୁ କାଳୀମାତାଙ୍କର ଯେଉଁ ରୂପ ଦର୍ଶନ କରିଥିଲେ, ଶାରଦା ଦେବୀଙ୍କଠାରେ ମଧ୍ୟ ସେହି ଅଲୌକିକ ରୂପର ସନ୍ଧାନ ପାଇଲେ ଏବଂ ସେ ବିବାହିତା ପତ୍ନୀଙ୍କଠାରେ ପବିତ୍ର ମାତୃତ୍ୱ ଆରୋପିତ କଲେ । ଅପର ପକ୍ଷରେ ଶ୍ରୀ ଶାରଦା ଦେବୀ ସ୍ୱାମୀ ଶ୍ରୀ ରାମକୃଷ୍ଣଙ୍କୁ ନିଜର ଜ୍ଞାନଗୁରୁ ମନେ କଲେ ।

ବାସ୍ତବିକ ଶାରଦା ଦେବୀ ଓ ରାମକୃଷ୍ଣଙ୍କର ବୈବାହିକ ସମ୍ପର୍କର ଦୃଷ୍ଟାନ୍ତ କୁତ୍ରାପି ଦେଖିବାକୁ ମିଳେନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଅଧ୍ୟାପକ ପି: ଶଙ୍କର ନାରାୟଣାନ୍‌ଙ୍କ ଭାଷାରେ ପ୍ରକାଶ କଲେ, କୌଣସି ରୂପକଥା ବା ଇତିହାସରେ ଏଭଳି ବିବାହର ବର୍ଣ୍ଣନା ନାହିଁ ଯାହାର ପରିଣାମ ଆତ୍ମାର ତୀର୍ଥଯାତ୍ରାରେ ଏକ ପବିତ୍ର ସହଯୋଗ । ରାମକୃଷ୍ଣଙ୍କ ମତରେ ଶାରଦା ଦେବୀ "ଜ୍ଞାନଦାତ୍ରୀ ସରସ୍ୱତୀଙ୍କର ଅବତାର । ମାନବ ଜାତିକୁ ଆଧ୍ୟାତ୍ମିକ

Digitized by srujanika@gmail.com

ଜ୍ଞାନ ବିତରଣ କରିବା ଲାଗି ତାଙ୍କର ଆବିର୍ଭାବ ।'' ଶାରଦା ଦେବୀ ଭାଷାରେ 'ଶ୍ରୀ ରାମକୃଷ୍ଣ ମୋତେ ପବିତ୍ର ମାତୃଭାବର ଆଦର୍ଶ ପ୍ରକଟ କରିବା ପାଇଁ ଛାଡ଼ି ଦେଇଛନ୍ତି ।'

ଶାରଦା ଦେବୀଙ୍କର ନିଷ୍କାମ, ତ୍ୟାଗପୂତ, ପ୍ରାର୍ଥନାମୟ ସେବା ଦ୍ୱାରା ଶ୍ରୀ ରାମକୃଷ୍ଣଙ୍କର ଆଧ୍ୟାତ୍ମିକ ସାଧନା ଅଧିକ ଜାଜ୍ୱଲ୍ୟମାନ ହୋଇଥିଲା ଏବଂ ତତ୍ ସଙ୍ଗେ ସଙ୍ଗେ ତାଙ୍କ ନିଜର ଜ୍ଞାନ, ଭକ୍ତି ଓ କର୍ମାଦର୍ଶ ଉଚ୍ଚ ସ୍ତରରେ ପହଞ୍ଚି ପାରିଥିଲା । ଏକାଧାରରେ ସେବାପରାୟଣା ସ୍ତ୍ରୀ, ସ୍ନେହବତ୍ସଳା ମାତା, ଆଦର୍ଶ ଶିକ୍ଷୟିତ୍ରୀ ଓ ସମ୍ପୂର୍ଣ୍ଣ ସନ୍ନ୍ୟାସିନୀ ରୂପରେ ସେ ଭାରତୀୟ ନାରୀଭାବର ଶ୍ରେଷ୍ଠ ଆଦର୍ଶ ରୂପେ ପ୍ରତିଷ୍ଠା ଅର୍ଜନ କରିପାରିଲେ ।

୧୮୮୬ରେ ଶ୍ରୀ ରାମକୃଷ୍ଣଙ୍କର ତିରୋଭାବ ଶାରଦା ଦେବୀଙ୍କ ଠାରେ ବିଶେଷ ଭାବାନ୍ତର ସୃଷ୍ଟି କରି ନ ଥିଲା । ସେ ବୈଧବ୍ୟର ଯନ୍ତ୍ରଣା ଆଦୌ ଅନୁଭବ କରି ନଥିଲେ । ଶାରଦା ଦେବୀ ଦୃଢ଼ ବିଶ୍ୱାସ ପୋଷଣ କରିଥିଲେ ଯେ ଶ୍ରୀ ରାମକୃଷ୍ଣ ପରମହଂସଙ୍କର ପବିତ୍ର ଆତ୍ମା ଚିର ବିଦ୍ୟମାନ, ତେଣୁ ତାଙ୍କର ଶରୀରାବସାନରେ ସେ ବିଶେଷ ବିଚଳିତ ହୋଇ ନ ଥିଲେ । ଶ୍ରୀ ରାମକୃଷ୍ଣଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଆଗେଇ ନେବାପାଇଁ ସଙ୍କଳ୍ପବଦ୍ଧ ହୋଇ ସେ ଜୀବନର ଅବଶିଷ୍ଟ ଚଉତିରିଶ ବର୍ଷ ବିତାଇ ଦେଇଥିଲେ ।

ରାମକୃଷ୍ଣଙ୍କ ପରେ ରାମକୃଷ୍ଣ ମିଶନର ଶିଷ୍ୟ ଓ କର୍ମୀମାନଙ୍କୁ ଆଧ୍ୟାତ୍ମିକ ଦିଗ୍‌ଦର୍ଶନ ଦେବା ଦାୟିତ୍ୱ ସେ ବହନ କରିଥିଲେ । ସେତେବେଳେ ଭାଇ, ବନ୍ଧୁ, ପରିଜନଙ୍କର ସାଂସାରିକ ଆକର୍ଷଣକୁ ସେ ପ୍ରତ୍ୟାଖ୍ୟାନ କରିପାରି ନ ଥିଲେ ମଧ୍ୟ ତାଙ୍କର ଆଧ୍ୟାତ୍ମିକ କର୍ତ୍ତବ୍ୟ ସମ୍ପାଦନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରି ନଥିଲା । ସେ ଗୃହିଣୀ ରୂପରେ ଭକ୍ତବର୍ଗ ଓ ପରିବାରଜନଙ୍କ ପ୍ରତି

Digitized by srujanika@gmail.com

ଯଥାବିଧି କର୍ତ୍ତବ୍ୟ ପାଳନ କରିବା ସଙ୍ଗେ ସଙ୍ଗେ ଜଣେ ସନ୍ନ୍ୟାସିନୀ ଭାବରେ ସମଗ୍ର ଆଧ୍ୟାତ୍ମିକ ବୁଭୁକ୍ଷୁ ସମାଜ ପ୍ରତି ମଧ୍ୟ ତାଙ୍କର ଦାୟିତ୍ୱ ନିର୍ବାହ କରିଥିଲେ ।

ତାଙ୍କର ଏହି ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ତଥା ଧାର୍ମିକ ବିଶେଷତ୍ୱ ସମ୍ପର୍କରେ ଉଲ୍ଲେଖ କରିବାକୁ ଯାଇ ସ୍ୱାମୀ ରଙ୍ଗନାଥା-ନନ୍ଦ କହିଛନ୍ତି—"ପବିତ୍ର ମାତାଙ୍କଠାରେ ତାଙ୍କ ଚରିତ୍ର ଓ ବ୍ୟକ୍ତି-ତ୍ୱର ଏକ ବିରଳ ସ୍ୱଭାବ ପ୍ରକଟିତ ହୋଇଥିଲା । ତାଙ୍କ ବ୍ୟକ୍ତିତ୍ୱର ଏହି ଉପାଦାନ ସମସ୍ତ ନାରୀ ଓ ପୁରୁଷଙ୍କୁ ଉଦ୍‌ବୁଦ୍ଧ କରୁଥିଲା ଏକ ବ୍ୟବହାରସିଦ୍ଧ ଆଧ୍ୟାତ୍ମିକତାର ଗୋଟିଏ ଜ୍ୱଳନ୍ତ ନିଦର୍ଶନ । ଗୃହିଣୀ ରୂପରେ ତାଙ୍କ ସନ୍ନ୍ୟାସ-ଜୀବନର ମହାତ୍ମ୍ୟ ବିକଶିତ ହୋଇଥିଲା । ଆଲୋଡ଼ନକ୍ଷମ ସାଂସାରିକ ଜୀବନକୁ ପରିହାର କରିବା ପରିବର୍ତ୍ତେ ସେ ତାକୁ ଆଦରି ନେଇଥିଲେ ଏବଂ ପବିତ୍ର ପ୍ରେମ ବନ୍ଧନରେ ଆବଦ୍ଧ କରି ଦେଇଥିଲେ । ସବୁ ଆଲୋଡ଼ନ ଭିତରେ ସେ ତାଙ୍କ ବ୍ୟକ୍ତିତ୍ୱର ସ୍ୱାଭାବିକତା ବଜାୟ ରଖିଥିଲେ ।"

ଶାରଦା ଦେବୀ ତାଙ୍କର ଏତାଦୃଶ ତ୍ୟାଗ, ସାଧନା ଓ ଆଧ୍ୟାତ୍ମିକ ଅବଦାନ ଲାଗି ଜୀବନର ଉତ୍ତର କାଳରେ ଯଥାର୍ଥରେ 'ଶ୍ରୀ ମା' ନାମରେ ପରିଚିତା ହେଲେ । ତାଙ୍କର ନିକଟ ସମ୍ପର୍କ-ରେ ଆସିଥିବା ଅନ୍ୟତମ ପବିତ୍ର—ପ୍ରତିଭା ଭଗିନୀ ନିବେଦିତାଙ୍କ ଭାଷାରେ, "ତାଙ୍କ ଜୀବନ ପ୍ରାର୍ଥନାର ଏକ ଦୀର୍ଘ ନିସ୍ତଲତା । ତାଙ୍କର ସମସ୍ତ ଅନୁଭୂତି ଏକ ସ୍ୱର୍ଗୀୟ ସଭ୍ୟତାର ଅନୁଭୂତି ।"

ଶ୍ରୀ ମା ଶାରଦା ଦେବୀ ଥିଲେ ସରଳତା, ସରସତା, ନମ୍ରତା, ପବିତ୍ରତା ଓ ସହାନୁଭୂତିର ମୂର୍ତ୍ତି ପ୍ରତୀକ । ଭାରତୀୟ ସଂସ୍କୃତି ତଥା ହିନ୍ଦୁ ଧର୍ମରେ ନାରୀ ଆଦର୍ଶର ସେ ଶ୍ରେଷ୍ଠ ନମୁନା ।

Digitized by srujanika@gmail.com

ସ୍ୱାମୀ ଅଭେଦାନନ୍ଦଙ୍କ ଶ୍ଳୋକାନୁସାରେ "ପବିତ୍ରମ୍ ଚରିତମ୍ ଯସ୍ୟଃ, ପବିତ୍ରମ୍ ଜୀବନମ୍ ତଥଃ" । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେ ଥିଲେ ଦିବ୍ୟଜ୍ଞାନ ପ୍ରଦାୟିନୀ । ଭଗିନୀ ନିବେଦିତାଙ୍କ ମତାନୁସାରେ 'ମାତା ଅନ୍ନପୂର୍ଣ୍ଣା' ।

ଶ୍ରୀ ଶାରଦା ଦେବୀ ୧୯୨୦ ମସିହା ଜୁଲାଇ ୨୦ ତାରିଖରେ ମହାସମାଧି ପ୍ରାପ୍ତା ହେଲେ । ତାଙ୍କ ତିରୋଭାବର ଦୀର୍ଘକାଳ ଅତିବାହିତ ହୋଇଯାଇଥିଲେ ସୁଦ୍ଧା ତାଙ୍କର ଅଲୌକିକ ଆଦର୍ଶ ଅଦ୍ୟାପି ଶୁଦ୍ଧ ସୁବର୍ଣ୍ଣ ତୁଲ୍ୟ ଜାଜ୍ୱଲ୍ୟମାନ । ତାଙ୍କର ଅମର ବାଣୀ ଏବେ ମଧ୍ୟ ଆମପାଇଁ ଅମୂଲ୍ୟ ମହୌଷଧି ତୁଲ୍ୟ । ବିଶ୍ୱବାସୀଙ୍କର ପ୍ରଶାନ୍ତି ପାଇଁ ତାଙ୍କର ପବିତ୍ର ବାଣୀ ହେଉଛି—"ତୁମେ ଯଦି ମାନସିକ ଶାନ୍ତି ଚାହଁ, ଅନ୍ୟଠାରେ ଥିବା ଦୋଷ ପ୍ରତି ଦୃଷ୍ଟି ଦିଅ ନାହିଁ । ବରଂ, ତୁମେ ନିଜର ଦୁର୍ବଳତା ଆବିଷ୍କାର କରିବା ପାଇଁ ଦୃଷ୍ଟି ଦିଅ । ସମଗ୍ର ପୃଥିବୀକୁ ନିଜର କରିବା ଉପାୟ ଶିଖ । କେହି ପର ବା ଅଜଣା ନୁହେଁ । ସମଗ୍ର ପୃଥିବୀ ତୁମ ନିଜର ।"

—*—

Digitized by srujanika@gmail.com

।। ସାତ ।।

କୋଟି ଅନ୍ତରର ଶାଶ୍ୱତୀ ଶକ୍ତି

ଶ୍ରୀ ମା

[୧୮୭୮—୧୯୭୩]

ଶ୍ରୀ ମା କିଏ ? ସେ ଦେବୀ ନା ମାନବୀ ? ଯଦି ସେ ଦୈବୀରୂପିଣୀ ଥିଲେ ସେ ସଶରୀରୀ ଥିଲେ କିପରି ଓ ତାଙ୍କର ମୃତ୍ୟୁ ହେଲା କାହିଁକି ? ଯଦି ସେ ଜଣେ ସାଧାରଣ ଦେହଧାରିଣୀ ରମଣୀ ଥିଲେ, ତା ହେଲେ ତାଙ୍କୁ ମାନବସମାଜ ଆରାଧନା କରୁଥିଲେ କାହିଁକି ? ସାଧାରଣ ମଣିଷ ମନରେ ଏପରି ଅନେକ ପ୍ରଶ୍ନ ଉଦ୍ରେକ ହେବା ସ୍ୱାଭାବିକ । ତେବେ, ସ୍ୱୟଂ ଅରବିନ୍ଦ ଏ ଭଳି ଅନେକ ପ୍ରଶ୍ନର ଉତ୍ତର ଦେଇ ସାରିଛନ୍ତି ଏବଂ ତାହା ଶ୍ରୀ ମାଙ୍କର ଐଶୀ ପ୍ରତିଭାର ପ୍ରକୃଷ୍ଟ ପରିଚୟ ।

ଶ୍ରୀ ଅରବିନ୍ଦଙ୍କ ଭାଷାରେ—'ଭଗବତୀ ଶକ୍ତି ବିଶ୍ୱ ଓ ବ୍ୟକ୍ତି ମଧ୍ୟରେ କାର୍ଯ୍ୟ କରି ଚାଲିଛି । ପୁଣି ସେହି ଶକ୍ତି ବ୍ୟକ୍ତି ଓ ବିଶ୍ୱର ଊର୍ଦ୍ଧ୍ୱରେ ମଧ୍ୟ ବିଦ୍ୟମାନ ଅଛି । ସେହି ଶକ୍ତି ମା'ଙ୍କ ରୂପରେ ସଶରୀରୀ ହୋଇଛି । ସେହି ଶକ୍ତିର ପ୍ରତୀକ ଶ୍ରୀ ମା ।'

ସ୍ତ୍ରୀ ରୂପିଣୀ ଶ୍ରୀ ମାଙ୍କର ରକ୍ତ-ମାଂସ-ଗଢ଼ା ଶରୀର ଭିତରେ ନିହିତ ଅଲୌକିକ ଦୈବୀ ଶକ୍ତିର ମହତ୍ତ୍ୱ ପ୍ରତିପାଦନ କରିବାକୁ

Digitized by srujanika@gmail.com

ଯାଇ ଶ୍ରୀ ଅରବିନ୍ଦ ଆନ୍ତର କହିଥିଲେ—'ଶ୍ରୀ ମା ବ୍ୟଷ୍ଟି ରୂପିଣୀ ଜଗନ୍ମାତା । ବିଶ୍ୱାତୀତ ଓ ବିଶ୍ୱ ଅନ୍ତର୍ଗତ ସମସ୍ତ ମହତ୍ତ୍ୱର ଶକ୍ତି ଗ୍ରହଣ କରି ସେ ଏହି ଧରାଧାମରେ ଅବତୀର୍ଣ୍ଣା ହୋଇଛନ୍ତି । ଆଦ୍ୟାଶକ୍ତି ସ୍ୱୟଂ ଜଗନ୍ମାତା ତାଙ୍କର ଅପାର ସ୍ନେହପ୍ରବଣତା ବଳରେ ଭ୍ରାନ୍ତି, ଶ୍ରାନ୍ତି, ଅସତ୍ୟ, ତମିସା ଓ ମୃତ୍ୟୁମୟ ଧରା-ଧାମରେ ସଶରୀରେ ଆବିର୍ଭୂତା ହୋଇଛନ୍ତି ।'

ଜଣେ ଯୋଗୀ, ସନ୍ନ୍ୟାସୀ ଅଥବା ନିତାନ୍ତ ଧର୍ମ-ପରାୟଣ ବ୍ୟକ୍ତି ଆଧ୍ୟାତ୍ମିକ ଭାବକୁ ଯେଉଁଭଳି ଉପଲବ୍ଧି କରିବ, ଜଣେ ଜଡ଼, ବସ୍ତୁବାଦୀ ସାଧାରଣ ମଣିଷ ସେଭଳି କରି ନ ପାରେ, ତେବେ ରକ୍ତ-ମାଂସ ଶରୀରଧାରୀ ମାନବ ନିଜର ଅସାମାନ୍ୟ ଗୁଣ ତଥା ତ୍ୟାଗପୂର୍ଣ୍ଣ ସାଧନା ବଳରେ ଯେ ଦେବତ୍ୱର ସ୍ଥାନ ଅଧିକାର କରି ପାରିବ, ଏହା ସର୍ବବାଦୀ ସମ୍ମତ । ଶ୍ରୀମାଙ୍କୁ ଅନ୍ତତଃ ଏହି ଦୃଷ୍ଟିରୁ 'ଜଗନ୍ମାତା' କହିଲେ କେହି ଜଡ଼ବାଦୀ ମଧ୍ୟ ଭିନ୍ନ ମତ ପ୍ରକାଶ କରିବାର ଅବକାଶ ରହିବ ନାହିଁ ।

ଶ୍ରୀ ମା ଯଥାର୍ଥ ଆଧିଦୈବିକ ଦୃଷ୍ଟିଭଙ୍ଗୀ ବଳରେ ଅସାଧାରଣ ଆଧ୍ୟାତ୍ମିକ ସାଧନାରେ ବ୍ରତୀ ହୋଇ ମାନବ ଜାତିର ମାନସ ରାଜ୍ୟରେ ଯେଉଁ ଅଭୂତପୂର୍ବ ଆଲୋଡ଼ନ ସୃଷ୍ଟି କରି ଦେଇଗଲେ, ତାହା ସଭ୍ୟତାର ଇତିହାସରେ ଚିରନ୍ତନ କାଳ ଲାଗି ଯେ ଜାଜ୍ୱଲ୍ୟମାନ ହୋଇ ରହିବ, ଏଥିରେ ସନ୍ଦେହ ନାହିଁ । ତାଙ୍କର ପବିତ୍ର ଆଦର୍ଶ, ସୁସ୍ଥ ଉପଦେଶ ଓ ଅଭ୍ରାନ୍ତ ବାଣୀ ଯୁଗେ ଯୁଗେ ମାନବ ଜାତିକୁ ତମସାଚ୍ଛନ୍ନ କଣ୍ଟକିତ ପଥରୁ ସତ୍‌ମାର୍ଗରେ ପରିଚାଳିତ ହେବା ଲାଗି ଉଜ୍ଜ୍ୱଳମୟ ଆଲୋକବର୍ତ୍ତିକା ସଦୃଶ ସହାୟକ ହେବ ।

Digitized by srujanika@gmail.com

ଏହି ଜଗତ୍ ଜନନୀ ରୂପିଣୀ ମହୀୟସୀ ରମଣୀଙ୍କର ଜୀବନ ଯାତ୍ରା ପ୍ରଣାଳୀ ପ୍ରତି ଲକ୍ଷ୍ୟ କଲେ ବାସ୍ତବରେ ଅଭିଭୂତ ହେବାକୁ ହୁଏ । ବାଲ୍ୟ ଜୀବନରୁହିଁ ସେ ଥିଲେ ଜଣେ ନୀରବ ସାଧିକା । ନିର୍ଜନ ଶାନ୍ତ ପରିବେଶରେ ସମୟ ଅତିବାହିତ କରିବା ଆଗ୍ରହ ତାଙ୍କର ପ୍ରବଳ ଥିଲା । ଫାଉଣ୍ଟେନ୍ ବ୍ଲୁ ଜଙ୍ଗଲର ଗୋଟିଏ ବୃକ୍ଷ ମୂଳରେ ବସିରହି ଅଧିକାଂଶ ସମୟ ସେ ପ୍ରକୃତିର ଶୋଭା-ସମ୍ଭାରରେ ନିଜକୁ ହଜାଇ ଦେଉଥିଲେ ।

୧୮୭୮ ମସିହା ଫେବୃୟାରୀ ୨୧ ତାରିଖରେ ପ୍ୟାରିସ୍‌ର ଏକ ମଧ୍ୟବିତ୍ତ ପରିବାରରେ ତାଙ୍କର ଜନ୍ମ ହୋଇଥିଲା । ସେତେ-ବେଳେ ପିତାମାତା ତାଙ୍କର ଶ୍ରଦ୍ଧାନାମ ରଖିଥିଲେ ମୀରା । ମୀରା ଯଦିଓ ସାମାନ୍ୟ ବିଳମ୍ବରେ ସ୍କୁଲରେ ନାମ ଲେଖାଇଥିଲେ, ତାଙ୍କର ବିଚକ୍ଷଣତା ବଳରେ ଖୁବ୍ କମ ସମୟରେ ଶିକ୍ଷା କ୍ଷେତ୍ରରେ ନିଜର ପ୍ରତିଭା ପ୍ରକଟିତ କରି ପାରିଥିଲେ । ପ୍ରଚଳିତ ସାଧାରଣ ପାଠ୍ୟକ୍ରମ ସାଙ୍ଗକୁ ସଙ୍ଗୀତ ଓ ଚିତ୍ରାଙ୍କନ ବିଦ୍ୟାରେ ମଧ୍ୟ ସେ କୃତିତ୍ୱ ଅର୍ଜନ କରି ପାରିଥିଲେ ।

ସେହି ସ୍କୁଲ ଜୀବନରେ ମୀରା ନ୍ୟାୟ ସମାଧାନ କ୍ଷେତ୍ରରେ ଜଣେ ନେତ୍ରୀର ଭୂମିକା ନେଇଥିଲେ । ଅର୍ଥାତ୍, ସହପାଠୀ-ମାନଙ୍କର କୌଣସି ପ୍ରଶ୍ନ ଅମୀମାଂସିତ ରହିଗଲେ ବା କୌଣସି ବିଷୟ ନେଇ ସେମାନଙ୍କ ଭିତରେ ଦ୍ୱନ୍ଦ ବା ବିବାଦ ଉପୁଜିଲେ, ସେମାନେ ସମାଧାନ ପାଇଁ ମୀରାଙ୍କ ନିକଟକୁ ଯାଉଥିଲେ ଏବଂ ମୀରାଙ୍କର ବିଷ୍ଟ ସମସ୍ତେ ଅପକ୍ଷପାତୀ ରୂପରେ ମାନି ନେଉଥିଲେ ।

କୁମାରୀ ମୀରା ବାରବର୍ଷ ବୟସରେ ଦିବ୍ୟ ଆଲୋକର ସନ୍ଧାନ ପାଇଥିଲେ । ରାତି ହେଲେ ଧରି ବହୁବାର ସେ ସ୍ୱପ୍ନରେ

Digitized by srujanika@gmail.com

ଏକ ଦିବ୍ୟ ରୂପର ଦର୍ଶନ ଲାଭ କରିଥିଲେ । (ଏହି ଦିବ୍ୟମୂର୍ତ୍ତିଙ୍କୁ କୃଷ୍ଣ ନାମରେ ସେ ଅଭିହିତ କରିଛନ୍ତି ।) ଆଉ ସେତେବେଳେ ତାଙ୍କର ଧାରଣା ସୃଷ୍ଟି ହୋଇଥିଲା ଯେ ସେହି ଦିବ୍ୟମୂର୍ତ୍ତି ବା କୃଷ୍ଣଙ୍କ ପ୍ରସାଦରେ ନିଜର କରସ୍ପର୍ଶରେ ପ୍ରାଣୀର ସମସ୍ତ ଦୁଃଖ ଯନ୍ତ୍ରଣା ଦୂର ହୋଇ ପାରିବ ।

ବିଂଶ ଶତାବ୍ଦୀର ଆଦ୍ୟ କାଳରେ ମୀରା ମିଷ୍ଟର ଥିଓନଙ୍କ ଅଧୀନରେ ନିଗୂଢ଼ବାଦ (Occultism) ଅଧ୍ୟୟନ କରିବା ପାଇଁ ଆଲ୍‌ଜେରିଆ ଯାଇଥିଲେ । ଆଲ୍‌ଜେରିଆରୁ ପେରିସକୁ ଫେରିବା ପରେ ସେ ବହୁ ଶିଷ୍ୟ ଓ ଅନୁଚର ପାଇଗଲେ । ସେତେବେଳେ ସେ ତାଙ୍କର ଆଦର୍ଶ ପ୍ରଚାର କରିବାରେ ଲାଗିଥିଲେ ଯେ ସମାଜର ତ୍ରିବିଧ ବୃତ୍ତି—ଅଜ୍ଞତା, ହିଂସା ଓ ପରାଧୀନତାକୁ ଜ୍ଞାନ, ଶାନ୍ତି ଓ ମୁକ୍ତିରେ ପରିଣତ କରିଗଲେ ଜୀବନର ସାର୍ଥକତା ପ୍ରତିପାଦିତ ହେବ । ଦୀର୍ଘକାଳ ପରେ ୧୯୬୮ ମସିହା ଫେବୃୟାରୀ ୨୮ ତାରିଖରେ ପଣ୍ଡିଚେରୀଠାରେ ଊଷା-ନଗରୀ 'ଅରୋଭିଲ୍ଲ' ଉଦ୍‌ଘାଟିତ ହେବା ଦ୍ୱାରା ଏହି ଆଦର୍ଶ ଆନ୍ତର୍ଜାତୀୟ କ୍ଷେତ୍ରରେ ଏକ ବାସ୍ତବ ରୂପ ପରିଗ୍ରହ କଲା ।

ଫରାସୀ ତରୁଣୀ ମୀରା ପଲ୍ ରିଚାର୍ଡଙ୍କୁ ବିବାହ କରି ସାଂସାରିକ ଜୀବନ ଆରମ୍ଭ କରିଥିଲେ ମଧ୍ୟ ତାଙ୍କର ଆଧ୍ୟାତ୍ମିକ ଚେତନା ଅତି ତୀବ୍ର ଥିଲା । ସେ ସ୍ୱପ୍ନାବସ୍ଥାରେ ଅନେକ ଆଦର୍ଶ-ସ୍ଥାନୀୟ ବ୍ୟକ୍ତିଙ୍କର ପ୍ରତିଚ୍ଛାୟା ଦେଖୁଥିଲେ ଏବଂ ବାସ୍ତବ କ୍ଷେତ୍ରରେ ମଧ୍ୟ ସେମାନଙ୍କୁ ସାକ୍ଷାତ କରିବାର ସୁଯୋଗ ନେଉଥିଲେ । କିନ୍ତୁ ଅନେକ ଦିନ ଧରି ସେ ତାଙ୍କର ସ୍ୱପ୍ନର କୃଷ୍ଣଙ୍କୁ ଭେଟି ପାରି ନ ଥିଲେ ।

Digitized by srujanika@gmail.com

ତାଙ୍କ ସ୍ୱାମୀ ପଲ୍ ରିଚାର୍ଡ଼ ୧୯୧୦ ମସିହାରେ ଶ୍ରୀ ଅରବିନ୍ଦଙ୍କୁ ପଣ୍ଡିଚେରୀଠାରେ ସାକ୍ଷାତ କଲା ପରେ ଶ୍ରୀମତୀ ମୀରା ସ୍ୱାମୀଙ୍କ ମୁଖରୁ ଅରବିନ୍ଦଙ୍କର ଅଲୌକିକ ବ୍ୟକ୍ତିତ୍ୱ ସମ୍ବନ୍ଧରେ ସୂଚନା ପାଇଥିଲେ । ସେହି ଦେବୋପମ ମହାପୁରୁଷ ଅରବିନ୍ଦଙ୍କର ଦର୍ଶନ ଲାଭ କରିବା ଲାଗି ସେ ଉତ୍କଣ୍ଠିତା ହୋଇ ପଡ଼ିଥିଲେ । ଶେଷରେ ୧୯୧୪ ମସିହା ମାର୍ଚ୍ଚ ମାସ ୨୯ତାରିଖରେ ସେ ପଣ୍ଡିଚେରୀଠାରେ ଶ୍ରୀ ଅରବିନ୍ଦଙ୍କର ଦର୍ଶନ ପାଇଲେ ଏବଂ ସେହି ମୁହୂର୍ତ୍ତରେ ସେ ନିଜେ ଜାଣିପାରିଲେ ଯେ ସେହି ପ୍ରଶାନ୍ତ ସୌମ୍ୟ ମୂର୍ତ୍ତି ହିଁ ତାଙ୍କ ସ୍ୱପ୍ନର କୃଷ୍ଣ ।

ସେହି ପ୍ରଥମ ଦର୍ଶନରେ ମୀରା ଓ ଅରବିନ୍ଦ ଉଭୟେ ଉଭୟଙ୍କଠାରେ ଆଧ୍ୟାତ୍ମିକ ବନ୍ଧୁତାର ସନ୍ଧାନ ପାଇଗଲେ । ସେ ଦୁହିଁଙ୍କ ଭିତରେ ଏକ ଅଲୌକିକ ସହଯୋଗର ସେତୁ ଗଢ଼ି ଉଠିଲା । ଉଭୟଙ୍କ ସହଯୋଗରେ ପ୍ରଥମେ ପ୍ରକାଶ ପାଇଲା ଏକ ଧାର୍ମିକ ମାସିକ ପତ୍ରିକା 'ଆର୍ଯ୍ୟ' । ସହଯୋଗମୂଳକ ବନ୍ଧନ ବେଳକୁ ବେଳ ଦୃଢ଼ୀଭୂତ ହେଲା ।

ଅବଶ୍ୟ, ପ୍ରଥମ ପୃଥିବୀ ମହାସମର କାଳରେ ଅଳ୍ପ କେତେ-କାଳ ପାଇଁ ଶ୍ରୀମତୀ ମୀରା ଫ୍ରାନ୍ସ ଚାଲିଯାଇଥିଲେ ତାଙ୍କର କେତେକ ଘରୋଇ ବିଷୟ ନିଷ୍ପତ୍ତି କରିବା ଲାଗି । ତେବେ ସମସ୍ତ ପ୍ରକାର ବନ୍ଧନ ଓ ଆକର୍ଷଣକୁ ଏଡ଼ି ଦେଇ ସେ ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ସବୁଦିନ ପାଇଁ ପଣ୍ଡିଚେରୀକୁ ଆସି ଯାଇଥିଲେ ଏବଂ ଅରବିନ୍ଦ ଓ ତାଙ୍କର ଶିଷ୍ୟଗଣଙ୍କର ଗହଣରେ ଜୀବନ ବିତାଇ ଦେବାକୁ ନିଷ୍ପତ୍ତି କରିସାରିଥିଲେ ।

ଶ୍ରୀ ଅରବିନ୍ଦ ୧୯୨୬ ମସିହା ନଭେମ୍ବର ୨୬ ତାରିଖ ଠାରୁ ତାଙ୍କ ଉପରେ ଆଶ୍ରମ ଦାୟିତ୍ୱ ସମ୍ପୂର୍ଣ୍ଣ ଭାବେ ନ୍ୟସ୍ତ କରି

Digitized by srujanika@gmail.com

ଏକାନ୍ତ ଜୀବନଯାପନ ନିମିତ୍ତ ଓଡ଼ିଶା ଯାଇଥିଲେ । ଏହି ସମୟରୁ ଶ୍ରୀମତୀ ମୀରା ଶ୍ରୀ ମା ନାମରେ ପରିଚିତ ହୋଇ ଅରବିନ୍ଦ ଆଶ୍ରମର କର୍ତ୍ତ୍ରୀ ଭାବେ ଅଧିଷ୍ଠିତା ହେଲେ । ଯେଉଁ ଆଶ୍ରମରେ ବର୍ତ୍ତମାନ ଦୁଇ ସହସ୍ରରୁ ଅଧିକ ଶିଷ୍ୟ ଓ ସାଧକ ବସବାସ କରୁ-ଛନ୍ତି ଓ ଆଧ୍ୟାତ୍ମିକ ଶିକ୍ଷାର୍ଜ୍ଜନ କରୁଛନ୍ତି, ଯେତେବେଳେ (୧୯୨୬ରେ) ସେଠାରେ ସେମାନଙ୍କର ସଂଖ୍ୟା ଥିଲା ମାତ୍ର ପଚିଶ । ଧର୍ମପରାୟଣ ସାଧକ ଓ ଶିକ୍ଷାର୍ଥୀମାନଙ୍କର ସଂଖ୍ୟା ବୃଦ୍ଧି ମୂଳରେ ଶ୍ରୀ ମାଙ୍କର ଐଶୀ ଶକ୍ତିର ଆକର୍ଷଣ ଯେ ନିହିତ ଥିଲା, ଏହା ନିଃସନ୍ଦେହ ।

୧୯୫୦ ମସିହା ଡିସେମ୍ବର ମାସ ୫ ତାରିଖରେ ଶ୍ରୀ ଅରବିନ୍ଦ-ଙ୍କର ତିରୋଭାବ ପରେ ଶ୍ରୀ ମା ତାଙ୍କର ଅସମ୍ପୂର୍ଣ୍ଣ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ଲକ୍ଷ୍ୟରେ ଅଧିକ ବ୍ୟସ୍ତ ହୋଇଥିଲେ ଏବଂ 'ଯୋଗଃ କର୍ମସୁ କୌଶଳମ୍' ଆଦର୍ଶରେ ଏକ ନବୀନ ସୃଷ୍ଟି ପ୍ରତିଷ୍ଠା ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ । ସେ ଦୃଢ଼ ଆଶା ପୋଷଣ କରିଥିଲେ ଯେ ଭବିଷ୍ୟତରେ ଏପରି ଦିନ ଆସିବ ଯେତେବେଳେ କି ଧରାପୃଷ୍ଠର ସମସ୍ତ ଅନ୍ଧକାର ଆଲୋକମୟ ହୋଇ ଉଠିବ ଏବଂ ସମସ୍ତେ ଦିବ୍ୟ-ଜୀବନର ସ୍ୱାଦ ଅନୁଭବ କରି ପାରିବେ ।

ଶ୍ରୀ ମା ଫରାସୀ ମାଟିରେ ଜନ୍ମ ଗ୍ରହଣ କରିଥିଲେ ସୁଦ୍ଧା ଭାରତ ଥିଲା ତାଙ୍କ ପାଇଁ ପ୍ରକୃଷ୍ଟ କ୍ଷେତ୍ର; ଆତ୍ମିକ ଓ ଆଧ୍ୟାତ୍ମିକ ଶୂନ୍ୟତା ପରିପୂରଣ ନିମିତ୍ତ ପବିତ୍ର ତୀର୍ଥସ୍ଥଳ । ୧୯୭୩ ମସିହା ନଭେମ୍ବର ମାସ ୧୭ ତାରିଖରେ ନିଜର ଶରୀର ତ୍ୟାଗ କରିବା ପର୍ଯ୍ୟନ୍ତ ଶ୍ରୀ ମା ତାଙ୍କର ପବିତ୍ର ଲକ୍ଷ୍ୟ ପଥରେ ଗତିଶୀଳା ଥିଲେ । ଶ୍ରୀ ମା କୌଣସି ହଠଯୋଗ ବା ଯାଦୁବିଦ୍ୟା କୌଶଳରେ ବିଶ୍ୱାସ

Digitized by srujanika@gmail.com

କିନ୍ତୁ ନଥିଲେ କିମ୍ବା ସେ ଜଗତପୂରେ ଭକ୍ତମାନଙ୍କୁ ଆକୃଷ୍ଟ କରିବାକୁ ଚାହୁଁ ନଥିଲେ । ତାଙ୍କର ଦୃଢ଼ ଧାରଣା ଜନ୍ମିଥିଲା ଯେ ଆତ୍ମାର ପରିବର୍ତ୍ତନ ଓ ବିଶ୍ୱର ପରିବର୍ତ୍ତନ ଏକ ଦୀର୍ଘ ଓ ଜଟିଳ ପନ୍ଥା । ତେବେ ତାଙ୍କର ସ୍ପଷ୍ଟ ବିଶ୍ୱାସ ରହିଥିଲା ଯେ ସମସ୍ତ କାର୍ଯ୍ୟ ମୂଳରେ ଏକ ଅଲୌକିକ ଶକ୍ତି ନିହିତ ଅଛି ଏବଂ ସେହି ଦିବ୍ୟ-ଶକ୍ତି ବଳରେ ପୃଥିବୀରେ ପରିବର୍ତ୍ତନ ଅବଶ୍ୟ ଆସିବ; ପୁଣି, ଏହି କ୍ଷେତ୍ରରେ ସମଗ୍ର ବିଶ୍ୱକୁ ଭାରତ ଦିଗ୍‌ଦର୍ଶନ ଦେବ ।

ଶ୍ରୀ ମାଙ୍କର ଅସାମାନ୍ୟ ତ୍ୟାଗ, ଐକାନ୍ତିକ ନିଷ୍ଠା, ଏକାଗ୍ର ସାଧନା ଓ ଅଲୌକିକ ଆଦର୍ଶର ପଟାନ୍ତର ନାହିଁ । ତାହା ମାନବୀୟ ପରିସୀମାର ବହୁ ଊର୍ଦ୍ଧ୍ୱରେ, ଅତି-ମାନବ ସ୍ତରରେ । ତାଙ୍କର ଚିନ୍ତା ଓ ଚେତନା ମଧ୍ୟ ଅତି-ମାନସ ରାଜ୍ୟର । ତେଣୁ ତାଙ୍କୁ ଯଥାର୍ଥରେ ଏକ ସର୍ବୋଚ୍ଚ ଶାଶ୍ୱତ ଐଶୀ-ଶକ୍ତିର ପ୍ରମୂର୍ତ୍ତି ପ୍ରତୀକ ବୋଲି କୁହାଯାଉଛି ।

—*—

Digitized by srujanika@gmail.com

॥ ଆଠ ॥

ଭାରତୀୟ ନାରୀତ୍ୱର ଜୀବନ୍ତ ପ୍ରତୀକ

କସ୍ତୁରବା

[୧୮୬୯—୧୯୪୪]

"ଯଦି ଅନ୍ୟ କୌଣସି ଜନ୍ମରେ ମୋତେ ମୋର ଜୀବନସାଥୀ ବାଛିବାକୁ କୁହାଯାଏ, ମୁଁ କସ୍ତୁରବାଙ୍କ ବ୍ୟତୀତ ଅନ୍ୟ କାହାକୁ ବାଛିବ ନାହିଁ । ଭଗବାନ କରନ୍ତୁ ! ଅନ୍ୟ ଜନ୍ମମାନଙ୍କରେ ମଧ୍ୟ କସ୍ତୁରବା ମୋର ଜୀବନ-ସାଥୀ ହୁଅନ୍ତୁ ।"—ଏହା ହେଉଛି କସ୍ତୁରବାଙ୍କ ସମ୍ପର୍କରେ ବାପୁଜୀଙ୍କର ଅନ୍ତରର ବାଣୀ; ଏଥିରୁ କସ୍ତୁରବାଙ୍କର ମହାନ ବ୍ୟକ୍ତିତ୍ୱର ଶ୍ରେଷ୍ଠତ୍ୱ ପ୍ରତିପାଦିତ ହୁଏ ।

ଶ୍ରୀମତୀ କସ୍ତୁରବା ସକ୍ରେଟିସଙ୍କ ସ୍ତ୍ରୀ ଜାନ୍ଥିପେଙ୍କ ପରି କଳହପ୍ରିୟ ନ ଥିଲେ କି ଗୌତମଙ୍କ ଅର୍ଦ୍ଧାଙ୍ଗିନୀ ଯଶୋଧାରାଙ୍କ ଭଳି ଅନୁଗତା ନ ଥିଲେ; ଗାର୍ଗୀ, ମୈତ୍ରେୟୀଙ୍କ ପରି ସେ ବିଦୁଷୀ ନ ଥିଲେ କିମ୍ବା ଟଲଷ୍ଟୟଙ୍କ ସ୍ତ୍ରୀ ସୋଫିଆଙ୍କ ଭଳି ସଂସାରାସକ୍ତା ନ ଥିଲେ । ଗୋଟିଏ ଦୃଷ୍ଟିରୁ ସେ ଥିଲେ ଭକ୍ତକବି ତୁକାରାମଙ୍କ ସ୍ତ୍ରୀ ଜିଜାବାଈ ଓ ରାମକୃଷ୍ଣ ପରମହଂସଙ୍କ ପତ୍ନୀ ଶାରଦା ଦେବୀଙ୍କର ସମଧର୍ମୀ । ଅର୍ଥାତ୍, ଜିଜାବାଈ ତୁକାରାମଙ୍କୁ ଯେଉଁଭଳି ସାଂସାରିକ ସ୍ତରକୁ ଟାଣିବାକୁ ଚେଷ୍ଟିତା ଥିଲେ, କସ୍ତୁରବା ମଧ୍ୟ ସେଉଁଭଳି ଗାନ୍ଧୀଜୀଙ୍କ

Digitized by srujanika@gmail.com

ଉପରେ ପ୍ରଥମେ ପ୍ରଭାବ ବିସ୍ତାର କରିଥିଲେ ଏବଂ ପରେ ଶାରଦା ଦେବୀଙ୍କ ପରି ସେ ତ୍ୟାଗ ଓ ନିଷ୍କାମ ମନୋଭାବ ପ୍ରଦର୍ଶନ କରିଥିଲେ । ସୁତରାଂ, ଆଦ୍ୟ ବିବାହିତା ଜୀବନରେ କସ୍ତୁରବା ଜନାବାଈଙ୍କ ଆଦର୍ଶ ଅନୁସରଣ କରିଥିଲେ ଏବଂ ପରବର୍ତ୍ତୀ କାଳରେ ଶାରଦା ଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଶ୍ରୀମତୀ କସ୍ତୁରବା ସ୍ୱାମୀଙ୍କ ଚରଣ ତଳ ସ୍ତ୍ରୀ ଜୀବନର ଶ୍ରେଷ୍ଠ ଆଶ୍ରୟ ସ୍ଥଳ ବୋଲି ହୃଦୟଙ୍ଗମ କରିଥିଲେ ସିନା, ଆଦ୍ୟ ଜୀବନରେ ଗାନ୍ଧିଜୀଙ୍କର ସମସ୍ତ ଆଦେଶକୁ ବିନା ଦ୍ୱିଧାରେ ପାଳନ କରୁ ନ ଥିଲେ, କି ତାଙ୍କର ନିଷ୍ପତ୍ତିକୁ ବିନା ବିଚାରରେ ନ ବୁଝି ନ ଶୁଝି ଗ୍ରହଣ କରୁ ନ ଥିଲେ । ତାଙ୍କର ବିଶେଷ ଶିକ୍ଷାଗତ ଯୋଗ୍ୟତା ନ ଥିଲା ସତ, ତଥାପି ସେ ସାଧାରଣ ବୁଦ୍ଧି ବଳରେ ବିଷୟଟିକୁ ହୃଦୟଙ୍ଗମ କଲା ପରେ ହିଁ ତାହା ସ୍ୱୀକାର କରୁଥିଲେ ବା କାର୍ଯ୍ୟ କରିବାକୁ ସମ୍ମତ ହେଉଥିଲେ ।

ଗାନ୍ଧୀ ଓ କସ୍ତୁରବାଙ୍କ ମଧ୍ୟରେ ଏହି ସ୍ୱାଧୀନ ବିବେଚନା ଶକ୍ତି ଯୋଗୁଁ ଅନେକଥର ମତାନ୍ତର ଘଟୁଥିଲା । ଗାନ୍ଧିଜୀ ବହୁ ଉପାୟରେ, ନାନା ଆଦର୍ଶର ଦୋହାଇ ଦେଇ, ବହୁ ଦୃଷ୍ଟାନ୍ତ ଦର୍ଶାଇ ତାଙ୍କ ନିଜ ବିଚାର ପ୍ରତି କସ୍ତୁରବାଙ୍କର ସମର୍ଥନ ପାଉଥିଲେ । ଏହିଥିରୁ ହିଁ ତାଙ୍କ "ସତ୍ୟାଗ୍ରହ ପନ୍ଥା"ର ଜନ୍ମ । ଉଦାହରଣ ସ୍ୱରୂପ, କସ୍ତୁରବା ପ୍ରଥମେ ମନରୁ ଅସ୍ପୃଶ୍ୟତା ଧାରଣା ଦୂର କରିବା ପାଇଁ ପ୍ରସ୍ତୁତ ନ ଥିଲେ, କିନ୍ତୁ ଗାନ୍ଧିଜୀ ସେ ବିଷୟରେ ତାଙ୍କର ହୃଦ୍‌ବୋଧ କରାଇ ଦେବା ପରେ ସେ କେବଳ ହରିଜନମାନଙ୍କ ସହିତ ମିଳାମିଶା କରି ନ ଥିଲେ; ଏପରିକି ଗୋଟିଏ

Digitized by srujanika@gmail.com

ଧାରିଜନ ଝିଅକୁ ପାଳିତା କନ୍ୟା ରୂପେ ପାଳିଥିଲେ । ଆଉ ଗୋଟିଏ ଘଟଣାରେ କସ୍ତୁରବାଙ୍କର ଅତ୍ୟଧିକ ରକ୍ତସ୍ରାବ ଜନିତ ରୋଗର ପଥ୍ୟ ସ୍ୱରୂପ ତାଙ୍କୁ ଡାଲି ଓ ଲୁଣ ଛାଡ଼ିବା ପାଇଁ ବୁଝାଇ-ବାକୁ ଯାଇ ଶେଷକୁ ସେ ନିଜେ ଡାଲି, ଲୁଣ ବର୍ଜ୍ଜନ ପାଇଁ ଛାଡ଼ି ଦେଇଥିଲେ ।

ବାସ୍ତବିକ୍, କସ୍ତୁରବାଙ୍କ ଜୀବନ ବହୁବିଧ ଘଟଣା ଅଘଟ-ଣାରେ ପରିପୂର୍ଣ୍ଣ । ସେ ଯନ୍ତ୍ରଣା ଭୋଗିଛନ୍ତି, ତ୍ୟାଗ ସ୍ୱୀକାର କରିଛନ୍ତି, କାରାଦଣ୍ଡ ବି ସହିଛନ୍ତି, ସେବାର ଶ୍ରେଷ୍ଠ ଦୃଷ୍ଟାନ୍ତ ଦେଇଛନ୍ତି, ମାତୃସ୍ନେହର ମଧୁଭାଣ୍ଡ ଅଜାଡ଼ି ଦେଇ ନାରୀତ୍ୱର ପବିତ୍ର ପ୍ରତିମୂର୍ତ୍ତି ରୂପେ ପୂଜନୀୟା ହୋଇଛନ୍ତି । ତାଙ୍କଠାରେ ବହୁବିଧ ସଦ୍‌ଗୁଣର ସମାହାର ଘଟିଥିଲା । ଶ୍ରୀମତୀ ସରୋଜିନୀ ନାଇଡୁଙ୍କ ଭାଷାରେ, "ଚିରନ୍ତନ ତ୍ୟାଗର ଦୁର୍ଗମ ପଥରେ ଥରେ ମଧ୍ୟ ତାଙ୍କର ପାଦ ଅଟକି ନ ଥିଲା, କି ହୃଦୟ କମ୍ପି ଉଠି ନ ଥିଲା ।" ଏଥିପାଇଁ ସେ କସ୍ତୁରବାଙ୍କୁ ଯଥାର୍ଥରେ "ଭାରତୀୟ ନାରୀତ୍ୱର ଜୀବନ୍ତ ପ୍ରତୀକ" ବୋଲି କହିବା ସଙ୍ଗେ ସଙ୍ଗେ ସେ ମର ଜଗତରୁ ଅମର ଜଗତରେ ପହଞ୍ଚି ଭାରତୀୟ ଇତିହାସ, କାହାଣୀ ଓ ଲୋକଗୀତରେ ଅନ୍ୟାନ୍ୟ ବୀରାଙ୍ଗନାଙ୍କ ସହିତ ନ୍ୟାଯ୍ୟୋଚିତ ସ୍ଥାନର ଅଧିକାରିଣୀ ହୋଇଛନ୍ତି ବୋଲି ବର୍ଣ୍ଣନା କରିଛନ୍ତି ।

ବିଧାତାର ଏ ଏକ ବିଚିତ୍ର ବିଧାନ ଯେ ଗାନ୍ଧୀଜୀ ଓ କସ୍ତୁର-ବାଙ୍କର ଆବିର୍ଭାବ ଏକା ସ୍ଥାନରେ—ପୋରବନ୍ଦରଠାରେ, ଏକା ବର୍ଷରେ—୧୮୬୯ ମସିହାରେ । ତେବେ, କସ୍ତୁରବାଙ୍କର ଜନ୍ମ ଏପ୍ରିଲ ମାସରେ, ଗାନ୍ଧୀଜୀଙ୍କର ଅକ୍ଟୋବରରେ । କସ୍ତୁରବା ଗାନ୍ଧୀଜୀଙ୍କଠାରୁ ବୟସରେ ଛଅ ମାସ ବଡ଼ ।

Digitized by srujanika@gmail.com

କସ୍ତୁରବାଙ୍କ ପିତା ଗୋକୁଳଦାସ ମାକାନ୍‌ଜୀ ଓ ଗାନ୍ଧିଜୀଙ୍କ ପିତା କରମଚାନ୍ଦ (କବା) ଗାନ୍ଧୀ ଉଭୟେ ବନ୍ଧୁ ଥିଲେ ଏବଂ ତାଙ୍କର ସେହି ବନ୍ଧୁତାକୁ ସ୍ଥାୟୀ ରଖିବା ଉଦ୍ଦେଶ୍ୟରେ ଉଭୟ ପରିବାରକୁ ଏକ ସାମାଜିକ ସୂତ୍ରରେ ବାନ୍ଧି ରଖିବା ଲାଗି ସେମାନେ କସ୍ତୁରବାଈ ଓ ମୋହନ ଦାସଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିବା ଲାଗି ସଂକଳ୍ପ ନେଇଥିଲେ । ଏହି ଦୁଇ ଶିଶୁଙ୍କର ବିବାହ ନିର୍ବନ୍ଧ ସମାହିତ ହେଲାବେଳକୁ ତାଙ୍କର ବୟସ ମାତ୍ର ସାତ ବର୍ଷ । ତେବେ ପ୍ରକୃତ ବିବାହ ଅନୁଷ୍ଠିତ ହେଲା ୧୮୮୨ ମସିହାରେ ଯେତେବେଳେ ଉଭୟେ ତେର ବର୍ଷ ବୟସରେ ପଦାର୍ପଣ କରିଥିଲେ ।

ଆଦ୍ୟ ବିବାହିତ ଜୀବନରେ ନବଦମ୍ପତିଙ୍କ ଭିତରେ ବିଭିନ୍ନ କାରଣରୁ ଅନେକ ମନୋମାଳିନ୍ୟ ଘଟୁଥିଲା । ଗାନ୍ଧିଜୀ ଚାହୁଁଥିଲେ, ତାଙ୍କ ସ୍ତ୍ରୀ ଦିନ ରାତି ସବୁବେଳେ ତାଙ୍କ ପାଖେ ପାଖେ ରହନ୍ତୁ । କିନ୍ତୁ ତାହା ପାରମ୍ପରିକ ଚଳଣିର ପରିପନ୍ଥୀ ଥିଲା । ତେବେ ଗାନ୍ଧୀ ତାଙ୍କୁ ନିକଟରେ ଚାହୁଁଥିଲେ ତାଙ୍କୁ ଶିକ୍ଷିତା କରିବା ପାଇଁ । କସ୍ତୁରବା ମଧ୍ୟ ଗାନ୍ଧୀଙ୍କ ସାନିଧ୍ୟ ବେଶୀ ଚାହୁଁଥିଲେ, ତେବେ ଶିଷ୍ୟା ଭାବରେ ନୁହେଁ, ସ୍ତ୍ରୀ ରୂପରେ । ଏ ସମ୍ପର୍କରେ ଅଧ୍ୟାପକ ଏନ୍‌. ଆର୍‌. ମାଲକାନି "ବାପୁଙ୍କ ଜୀବନରେ ବା'ଙ୍କ ସ୍ଥାନ" ଶୀର୍ଷକ ପ୍ରବନ୍ଧରେ ଏକ ଚିତ୍ତାକର୍ଷକ ବିବରଣୀ ଉପସ୍ଥାପନ କରିଛନ୍ତି । ତାହା ହେଉଛି—"ବାଲ୍ୟ କାଳର ସୀମିତ ସମୟ ଭିତରେ ସ୍ୱାମୀ ତାର ଅପରିଣତ ବୟସ୍କା ସ୍ତ୍ରୀର ଶିକ୍ଷକ ସାଜିବାକୁ ଚେଷ୍ଟା କରିବାଟା ଏକ ଅସ୍ୱାଭାବିକ ଘଟଣା । କସ୍ତୁରବା ଅଶିକ୍ଷିତା ଥିଲେ, ଆଉ ମୋହନ ଦାସ ପ୍ରେମିକ ହେବା ସଙ୍ଗେ ସଙ୍ଗେ ଶିକ୍ଷକ ହେବା ପାଇଁ ଦୃଢ଼ ପରିକର ହୋଇଥିଲେ । ତେଣୁ ସେ ଶିକ୍ଷକ

Digitized by srujanika@gmail.com

ସ୍ୱଭାବରେ ପରାଜିତ ହୋଇଥିଲେ, ପ୍ରେମିକର ଭୂମିକାରେ ମଧ୍ୟ କେବେ ସେ କୃତକାର୍ଯ୍ୟ ହୋଇଥିବେ ବୋଲି ବିଶ୍ୱାସ ନାହିଁ । ସାଂସାରିକ ଜୀବନର ଆଦ୍ୟ କାଳରେ ତାଙ୍କଠାରେ ସ୍ୱାମୀତ୍ୱକୁ ଶିକ୍ଷକତ୍ୱ ବଳି ପଡ଼ିଥିଲା ।''

କେବଳ ସେତିକି ନୁହେଁ, ଜଣେ ବନ୍ଧୁଙ୍କ ସଂସ୍ପର୍ଶରେ ଆସି ଗାନ୍ଧିଜୀ କସ୍ତୁରବାଙ୍କର ଚରିତ୍ରକୁ ମଧ୍ୟ ସେତେବେଳେ ସନ୍ଦେହ ଚକ୍ଷୁରେ ଦେଖୁଥିଲେ । ତେବେ ସମୟର ସ୍ରୋତରେ ସବୁ ମତାନ୍ତର ଦୂରୀଭୂତ ହୋଇ ଯାଇଥିଲା, ଦୁହେଁ ଏପରି ତ୍ୟାଗପୂତ ଆଦର୍ଶ ବନ୍ଧନରେ ଆବଦ୍ଧ ହୋଇ ଯାଇଥିଲେ ଯେ ଇତିହାସ ପୃଷ୍ଠାରେ ତାଙ୍କର ଦାମ୍ପତ୍ୟ ଆଦର୍ଶ ଚିର ଅମର ହେଲା । କସ୍ତୁରବା ନିଜେ ସ୍ୱୀକାର କରିଛନ୍ତି ଯେ ''ବାପୁ ଜଣେ ମହା-ମାନବ । ସେ ତାଙ୍କର ତ୍ରୁଟି ସ୍ୱୀକାର କରିନଥିନ୍ତି ଏବଂ ମୋ ପ୍ରତି କେବେ ଅନ୍ୟାୟ ଆଚରଣ କରି ନାହାନ୍ତି । ତାଙ୍କ ସହିତ ବିବାଦ ବେଳେ ସବୁ ସମୟରେ ଭୁଲ ମୋର ହିଁ ରହୁଥିଲା ।''

୧୯୦୬ ଠାରୁ ଗାନ୍ଧିଜୀ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରିଥିଲେ । ସେତେବେଳକୁ କସ୍ତୁରବା ଚାରୋଟି ସନ୍ତାନର ଜନନୀ ହୋଇ ସାରିଥିଲେ । ଏହି ବ୍ରହ୍ମଚର୍ଯ୍ୟ ପାଳନ ଫଳରେ ଦାମ୍ପତ୍ୟ ଜୀବନର ଅଧିକାରକୁ ଉଭୟେ ତ୍ୟାଗପରିପୂର୍ଣ୍ଣ ମନୋଭାବ ନେଇ ବର୍ଜନ କରିଥିଲେ । ଫଳରେ ପରସ୍ପରଙ୍କ ମଧ୍ୟରେ ଅଧିକ ଘନିଷ୍ଠତା ବଢ଼ିଥିଲା । ଗାନ୍ଧୀଙ୍କ ଭାଷାରେ ସେମାନେ ଆଉ ଦୁଇଟି ପୃଥକ ବ୍ୟକ୍ତି ହୋଇ ରହି ନ ଥିଲେ, କସ୍ତୁରବା ପ୍ରକୃତ ଅର୍ଥରେ ଗାନ୍ଧିଜୀଙ୍କର 'ଅର୍ଦ୍ଧାଙ୍ଗିନୀ' ହୋଇ ପଡ଼ିଥିଲେ । ତାଙ୍କଠାରେ ମାତୃସ୍ନେହର ଅସରନ୍ତି ଧାରା ପ୍ରସାରିତ ହୋଇଥିଲା । ବାପୁଜୀଙ୍କ

Digitized by srujanika@gmail.com

ଦୀର୍ଘ, ଦୁର୍ଗମ ପଥରେ ସେ ସେବକା ଓ ସହଗୃହିଣୀ ରୂପରେ କାର୍ଯ୍ୟରତ ରହିଲେ ।

ଜାତିର-ଜନକଙ୍କ ସେବାରେ ଆତ୍ମୋତ୍ସର୍ଗ କରିବା ଫଳରେ ଶ୍ରୀମତୀ କସ୍ତୁରିବାଇ 'ବା' (ମାଆ) ଭାବରେ ପରିଚିତା ହେଲେ ଏବଂ ଗାନ୍ଧିଜୀଙ୍କର ସମସ୍ତ ଅନୁଗାମୀଙ୍କର ମାଆ ରୂପେ ବନ୍ଦନୀୟା ହେଲେ । କେବଳ ହରିଲାଲ, ମଣିଲାଲ, ରାମ ଦାସ ଓ ଦେବ ଦାସଙ୍କୁ ପୁଅ ନ ଭାବି, ସମସ୍ତ ଭାରତୀୟ ଯୁବ-ସଂଗ୍ରାମୀଙ୍କୁ ସେ ପୁତ୍ର ରୂପେ ଦେଖିଲେ । ସମସ୍ତଙ୍କ ପାଇଁ ସେ ହେଲେ ପବିତ୍ର ମାତୃତ୍ୱର ଏକ ଅବତାର । ଦକ୍ଷିଣ ଆଫ୍ରିକାର ଫୋନିକ୍ସ ଆଶ୍ରମଠାରୁ ଆରମ୍ଭ କରି ସାବରମତୀ ଓ ସେବାଗ୍ରାମ ଆଶ୍ରମ ପର୍ଯ୍ୟନ୍ତ ସବୁଠି ଅନ୍ତେବାସୀଙ୍କର ସେବାରେ ସେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ନିଜ ହାତରେ ରୋଷେଇ କରି ସେ ସମସ୍ତ ଆଶ୍ରମବାସୀଙ୍କୁ ପରିଷୁଥିଲେ । ଗାନ୍ଧିଜୀ ବନ୍ଦୀ ଥିବାବେଳେ ମଧ୍ୟ ନିଜେ ସତ୍ୟାଗ୍ରହ ଆନ୍ଦୋଳନର ପରିଚାଳନା କରୁଥିଲେ । ତାଙ୍କ ଜୀବଦ୍ଦଶାରେ ବହୁକାଳ କାରାକକ୍ଷର ପ୍ରାଚୀର ମଧ୍ୟରେ ଅତିବାହିତ ହୋଇଥିଲା । ଏପରିକି ସେହି କାରାବାସ କାଳରେ ହିଁ ତାଙ୍କର ସ୍ୱାସ୍ଥ୍ୟ ଭଙ୍ଗ ଘଟି ସେ ଅବଶେଷରେ ୧୯୪୨ ମସିହା ଫେବୃୟାରୀ ୨୨ତାରିଖରେ ପବିତ୍ର ଶିବରାତ୍ରିର ପାପଦାନ କାଳରେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ଗାନ୍ଧିଜୀଙ୍କୁ ସେ ଦେଇଥିଲେ ସତ୍ୟାଗ୍ରହର ପ୍ରେରଣା । ତାଙ୍କ ପାଇଁ ସେ ଥିଲେ ହିନ୍ଦୁ ଧର୍ମର ମୂଳ ଉତ୍ସ । ଗୀତା, ରାମାୟଣ ଓ ତୁଳସୀ ବୃକ୍ଷ ସେବାର ମହତ୍ତ୍ୱ ସେ ଶିଖାଇ ଥିଲେ । ତାଙ୍କୁ ହରାଇ ଗାନ୍ଧିଜୀ ଶୋକାତୁର କଣ୍ଠରେ କହୁଥିଲେ, "ସେ ମୋ ପଛରେ ନ ଥିଲେ, ଥିଲେ ମୋ ଉପରେ । ତାଙ୍କ ସହଯୋଗ ବିନା ମୁଁ

Digitized by srujanika@gmail.com

ଗହ୍ୱାର ଖାତରେ ପଡ଼ ରହିଥାନ୍ତି । ସେ ମୋତେ ଜାଗ୍ରତ ଓ ସଚଳ୍ପନିଷ୍ଠ ରହିବାରେ ସାହାଯ୍ୟ କରିଥିଲେ ।'' ଆଜି କସ୍ତୁରବା ସ୍ମାରକ ପାଣ୍ଠି ଗଢ଼ି ଗାନ୍ଧିଜୀ କସ୍ତୁରବାଙ୍କ ସ୍ମୃତିକୁ ଜାଗ୍ରତ ରଖିଥିଲେ ।

କସ୍ତୁରବାଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ରର ଏକ ଉଚ୍ଚାଙ୍ଗ ବିଶ୍ଳେଷଣ କରି ଡକ୍ଟର ମୁନ୍‌ସୀ ଯଥାର୍ଥରେ କହିଛନ୍ତି—"ଧନ ସେ ଜାଣି ନ ଥିଲେ । ଆଡ଼ମ୍ବର ଦେଖାଇ ନ ଥିଲେ । କ୍ଷମତା ରଖି ନ ଥିଲେ । କର୍ତ୍ତୃତ୍ୱ ଜାହିର କରି ନ ଥିଲେ । ତଥାପି ତାଙ୍କ ଜୀବନ ଥିଲା ସମ୍ପୂର୍ଣ୍ଣ ଓ ସମୃଦ୍ଧ । ସ୍ନେହ ଥିଲା ତାଙ୍କର ଧନ । ତ୍ୟାଗ ଥିଲା ତାଙ୍କର କ୍ଷମତା । ପ୍ରେମ ଥିଲା ତାଙ୍କର କର୍ତ୍ତୃତ୍ୱ । ଶିକ୍ଷା ସେ ଅର୍ଜନ କରି ନ ଥିଲେ, କିନ୍ତୁ ସମସ୍ତଙ୍କୁ ଶିକ୍ଷାଦାନ କରିଗଲେ । ସ୍ନେହ, ସହନଶୀଳତା, ନମ୍ରତା, ଭଦ୍ରତା ଓ ଅସାମାନ୍ୟ ତ୍ୟାଗ ବଳରେ ସେ ଭାରତୀୟ ନାରୀତ୍ୱର ମୁକୁଟ ବିହୀନ ସାମ୍ରାଜ୍ଞୀ ରୂପେ ପ୍ରତିଷ୍ଠିତ କଲେ ।''

—*—

Digitized by srujanika@gmail.com

॥ ନଅ ॥

ସେବା ଓ କରୁଣାର ଅବତାର

ମଦର ତେରେସା

[୧୯୧୦]

"କର୍ମରେ ବିଶ୍ୱାସ କରିବା ହିଁ ପ୍ରେମ ଏବଂ କର୍ମକୁ ପ୍ରେମ କରିବା ହିଁ ସେବା"—ଏହା ହେଉଛି ମଦର ତେରେସାଙ୍କର ଆନ୍ତରିକ ଉକ୍ତି ଏବଂ ତାଙ୍କ ସେବାମୟ ଜୀବନର ଆଦର୍ଶ । ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ଏହି ଆଦର୍ଶକୁ କର୍ମ-କ୍ଷେତ୍ରରେ ବିନିଯୋଗ କରିବାକୁ ଯାଇ ମଦର ତେରେସା ପାଦ୍ରୀ ସ୍ୱେଚ୍ଛାସେବୀ ସଂସ୍ଥା (Missionaries of Charity)ର ସର୍ବମୟ କର୍ତ୍ତ୍ରୀରୂପେ କେବଳ ଭାରତ କାହିଁକି ସମଗ୍ର ବିଶ୍ୱରେ ଅଖଣ୍ଡ ଖ୍ୟାତିର ଅଧିକାରିଣୀ ହୋଇପାରିଛନ୍ତି । ଦୁସ୍ଥ, ରୁଗ୍ଣ ଓ ନିଃସ୍ୱ-ମାନଙ୍କର ସେବାକୁ ସେ ଜୀବନର ଚରମ ଓ ପରମ ବ୍ରତରୂପେ ଗ୍ରହଣ କରିନେଇଛନ୍ତି । ବିଶ୍ୱନିୟନ୍ତାଙ୍କର ଲକ୍ଷ୍ୟ ସାଧନ କଳ୍ପେ ମାନବସମାଜରେ ସୁଖ, ଶାନ୍ତି ଓ ସୁସ୍ଥ ବାତାବରଣ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଏହି ଦେବଦୂତୀ ରୂପିଣୀ ମହୀୟସୀ ମହିଳା ସମ୍ପୂର୍ଣ୍ଣ ଆତ୍ମନିୟୋଗ-କରିଛନ୍ତି । ଭାରତର ଆତ୍ମିକ ଜାଗରଣ ଘଟାଇବା ସଙ୍ଗେ ସଙ୍ଗେ ସମଗ୍ର ବିଶ୍ୱଚେତନାକୁ ମଧ୍ୟ ସେ ଜାଗ୍ରତ କରିପାରି-

Digitized by srujanika@gmail.com

ଛନ୍ତି । ଏଥିପାଇଁ ତାଙ୍କୁ ଆଜ "ସମଗ୍ର ବିଶ୍ୱରେ ବଦାନ୍ୟତାର ଏକ ଶ୍ରେଷ୍ଠ ପ୍ରଭାବଶାଳୀ ପରିପ୍ରକାଶ" ବୋଲି କୁହାଯାଉଅଛି । ଏହି ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନା ରମଣୀଙ୍କ ସମ୍ପର୍କରେ ଲଣ୍ଡନର ଟାଇମ୍ସ ପତ୍ରିକା ମତ ଦେଇ କହନ୍ତି ଯେ 'ବୋଧହୁଏ ଶତାବ୍ଦୀରେ ଥରେ ଥରେ ଗୀର୍ଜାରୁ ଏ ଭଳି ବ୍ୟକ୍ତିଙ୍କର ଆବିର୍ଭାବ ସମ୍ଭବ ହୋଇଥାଏ ।'

ମଦର ଟେରେସା ଭାରତୀୟମାନଙ୍କର ସେବାକୁ ଜୀବନର ବ୍ରତରୂପେ ଗ୍ରହଣ କରିଥିଲେ ମଧ୍ୟ ତାଙ୍କର ଜନ୍ମଭୂମି ଯେ ଭାରତ ନୁହେଁ, ଏହା କମ୍ ଆଶ୍ଚର୍ଯ୍ୟ ନୁହେଁ । ସେ ଅଣଭାରତୀୟ ହୋଇ ମଧ୍ୟ ଭାରତୀୟତାକୁ ଗ୍ରହଣ କରିନେଇଛନ୍ତି । ସେ ୧୯୨୮ ମସିହାରେ ଭାରତକୁ ଆସିଲା ପରେ କଲିକତା ନିକଟବର୍ତ୍ତୀ ମୋତିଝିଲ୍ ବସ୍ତିର ସେଣ୍ଟ୍ ମେରୀ ହାଇସ୍କୁଲର ପ୍ରିନ୍ସିପାଲ ରୂପେ ଯୋଗ ଦେଇଥିଲେ ଏବଂ ଦୀର୍ଘ ଅଠର ବର୍ଷ କାଳ ସେହି ଦାୟିତ୍ୱ ତୁଲାଇଥିଲେ । ସେହି ସମୟରେ କଲିକତା ବସ୍ତି ଅଞ୍ଚଳର ଦୁଃସ୍ଥ ଜନତାର ଜନ-ଜୀବନ ପ୍ରତି ସହାନୁଭୂତିଶୀଳା ହୋଇ ସେମାନଙ୍କର ସେବା ପାଇଁ ମନ ବଳାଇଥିଲେ । ତେଣୁ ସେ ଲରେଟୋର୍ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ୧୯୪୮ ମସିହା ଠାରୁ ଦୁଃସ୍ଥ, ରୁଗ୍ଣମାନଙ୍କ ସେବାଲାଗି କଲିକତାକୁ ନିଜର କର୍ମକ୍ଷେତ୍ର ରୂପେ ବାଛିନେଲେ ।

ତାଙ୍କର ଏହି ନିଷ୍ପତ୍ତି ମୂଳରେ ନିହିତ ଥିଲା ଏକ ଅନ୍ତର୍ବାଣୀ, ଏକ ଦୈବୀ ନିର୍ଦ୍ଦେଶ । ସେ ସେଣ୍ଟ ମେରୀ ଶିକ୍ଷାନୁଷ୍ଠାନରୁ ବିଦାୟ ନେବା ପରେ ୧୯୪୬ ମସିହା ସେପ୍ଟେମ୍ବର ୧୦ ତାରିଖ ଦିନ ଟ୍ରେନରେ ଡାର୍ଜିଲିଂ ଯାଉଥିଲା ବେଳେ ତାଙ୍କୁ ଯୀଶୁଙ୍କର ବାଣୀ ଶୁଣାଗଲା, "ସବୁ ଛାଡ଼ ମୋତେ ଅନୁସରଣ କର । ବସ୍ତି

Digitized by srujanika@gmail.com

ଅଞ୍ଚଳର ନିଃସ୍ୱ, ଦୁସ୍ଥାମାନଙ୍କ ସେବା ମାଧ୍ୟମରେ ମୋର ସେବା କର ।" ତାହା ଥିଲା ତାଙ୍କପ୍ରତି ଯେପରି ଏକ ସ୍ୱତନ୍ତ୍ର ନିର୍ଦ୍ଦେଶ । ସେହି ଦିବସ ଥିଲା ମଦର ଟେରେସାଙ୍କ ପାଇଁ ପ୍ରେରଣାର ଦିବସ ଓ ନିଷ୍ପତ୍ତି-ଦିବସ ।

ତା ପରେ ସେ ମହାମାନ୍ୟ ପୋପଙ୍କ ଅନୁମତି ନେଇ ବସ୍ତି ଅଞ୍ଚଳର ଦୁସ୍ଥ ସେବାରେ ଆତ୍ମୋତ୍ସର୍ଗ କରିଛନ୍ତି । ପାଟନାସ୍ଥ ଆମେରିକାନ୍ ମେଡ଼ିକାଲ୍ ମିଶନାରି ଅନୁଷ୍ଠାନରେ ଦୀର୍ଘ ତିନିମାସ କାଳ କଠୋର ତାଲିମ ଗ୍ରହଣ କରି ସାରି ୧୯୪୮ ମସିହା ଜାନୁୟାରି ମାସରେ କଲିକତା କର୍ପୋରେସନଠାରୁ ଅନୁମତି ପାଇ କାଳିଘାଟ ମନ୍ଦିର ନିକଟସ୍ଥ ଏକ ଧର୍ମଶାଳାରେ ତାଙ୍କ ସେବା କାର୍ଯ୍ୟର ଶୁଭାରମ୍ଭ ହେଲା । ପରେ ପରେ ସେ ପଶ୍ଚିମବଙ୍ଗ ସରକାରଙ୍କଠାରୁ ୩୪ ଏକର ଜମି ଦାନ ସୂତ୍ରରେ ପାଇ ଆସାନ୍‌ସୋଲ୍ ଶାନ୍ତିନଗରଠାରେ ଏକ ବିଶାଳ ଅନାଥାଶ୍ରମ ଓ କୁଷ୍ଠାଶ୍ରମ "ନିର୍ମଳ ହୃଦୟ" ସ୍ଥାପନ କଲେ । ଜୀବନବୀମା କର୍ପୋରେସନ ଆନୁକୂଲ୍ୟରେ ଏକ ବିରାଟ ଗୃହ ଲାଭ କରି ସେଠାରେ ବିକଳାଙ୍ଗ ଓ ମାନସିକ ରୋଗୀମାନଙ୍କ ପାଇଁ "ପ୍ରେମ ଦାନ" ଭବନ ଗଢ଼ିଲେ । "ଶିଶୁ ଭବନ" ପ୍ରତିଷ୍ଠା କରି ସେ ଅସଂଖ୍ୟ ରୁଗ୍‌ଣ, ବିଭୂକ୍ଷିତ, ନିରାଶ୍ରିତ ଶିଶୁଙ୍କର ଜୀବନ ଗଢ଼ି ତୋଳିଲେ ।

୧୯୪୮ରେ ସେ ପ୍ରଥମେ ଯେତେବେଳେ ତାଙ୍କର ସେବା କାର୍ଯ୍ୟ ଆରମ୍ଭ କଲେ, ସେତେବେଳେ ତାଙ୍କର ଜନୈକା ପୂର୍ବତନ ଛାତ୍ରୀ ଶୁଭସିନ୍ଧୀ ଦାସ ଏନେସ୍ (Agnes) ନାମ ଗ୍ରହଣ କରି ସେବିକା ରୂପେ ତାଙ୍କ ସହିତ ଯୋଗ ଦେଇଥିଲେ । କ୍ରମଶଃ ବହୁ ସେବିକା ସ୍ୱତଃପ୍ରବୃତ୍ତ ହୋଇ ଆଗେଇ ଆସିଲେ । ୧୯୫୦ରେ ମଦର ଟେରେସା କଲିକତାଠାରେ ଦାତବ୍ୟ ସେବାସଂସ୍ଥା

Digitized by srujanika@gmail.com

(Missionaires of Charity) ପ୍ରତିଷ୍ଠା କଲେ । ସେହି ସମୟରୁ ଏହି ଅନୁଷ୍ଠାନ ଖୁବ୍ ଦ୍ରୁତ ଗତିରେ ପ୍ରସାର ଲାଭ କରିବାରେ ଲାଗିଛି । ଏହା ଲଣ୍ଡନ, ଇଟାଲି, ଅଷ୍ଟ୍ରେଲିଆ, ସିଂହଳ, ତାଞ୍ଜାନିଆ, ଭେନେଜୁଏଲା, ଜୋର୍ଡାନ ପ୍ରଭୃତି ଦେଶକୁ ବ୍ୟାପି ଗଲାଣି । ଭାରତରେ ମଧ୍ୟ ଏହା ପଶ୍ଚିମବଙ୍ଗ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ । ବର୍ତ୍ତମାନ ସୁଦ୍ଧା ଏହି ଅନୁଷ୍ଠାନର ଭାରତରେ ୬୨ଟି ଶାଖା ପ୍ରତିଷ୍ଠାନ ଓ ବିଦେଶରେ ୨୮ [illegible] ପ୍ରତିଷ୍ଠିତ ହୋଇ ସାରିଛି । ୮୧ ଗୋଟି ସ୍କୁଲ୍, ୩୩୫ ଗୋଟି ଭ୍ରାମ୍ୟମାଣ ଚିକିତ୍ସାଳୟ, ୨୮ ଟି ପରିବାର ନିୟନ୍ତ୍ରଣ କେନ୍ଦ୍ର, ୬୨ଟି କୁଷ୍ଠାଶ୍ରମ, ୨୮ ଗୋଟି ଅନାଥାଶ୍ରମ ଓ ୩୨ ଗୋଟି ନିରାଶ୍ରିତ ମୁମୂର୍ଷୁ ଭବନ ମଦର ଟେରେସାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଅଛି ।

ସାଂପ୍ରତିକ ହିସାବରୁ ଜଣାଯାଇଛି ଯେ ଏହି ସବୁ ସେବା ଓ ଶିକ୍ଷାମୂଳକ ଅନୁଷ୍ଠାନମାନଙ୍କରେ ଅନ୍ୟୂନ ୪୦ ହଜାର କୁଷ୍ଠରୋଗୀ, ୨ ହଜାର ଅନାଥ, ୨ ହଜାର ଶିଶୁ ବସବାସ କରୁଛନ୍ତି ତଥା ସେବା ଓ ଶିକ୍ଷା ପାଉଛନ୍ତି । ଭ୍ରାମ୍ୟମାଣ ଚିକିତ୍ସାଳୟ ଗୁଡ଼ିକ ଦ୍ୱାରା ପ୍ରାୟ ୨୦ ଲକ୍ଷ ରୋଗୀ ଚିକିତ୍ସିତ ହେଉଛନ୍ତି । ସଂପ୍ରତି ଓଡ଼ିଶାର ପୁରୀ ଜିଲ୍ଲା ଅନ୍ତର୍ଗତ ଅଲକାପୁରୀଠାରେ ୩୪ ଏକର ଜମିରେ ଏକ କୁଷ୍ଠାଶ୍ରମ ସ୍ଥାପିତ ହେଉଅଛି । ମଦର ଟେରେସାଙ୍କ ସେବାଦର୍ଶର ମୂଳମନ୍ତ୍ର ହେଉଛି—"ଆମେ କେତେ କଣ କରୁଛୁ, ତାହା ବଡ଼ କଥା ନୁହେଁ; ଆମେ ଯାହା କରୁଛୁ, ତାହା କେତେ ସ୍ନେହ, କେତେ ସାଧୁତା ଓ କେତେ ବିଶ୍ୱାସର ସହିତ କରୁଛୁ, ତାହା ଦେଖିବା କଥା ।"

ମଦର ଟେରେସାଙ୍କ ମୂଳ ନାମ ଥିଲା ଏନେସ୍ ଗୋଙ୍କଶା ବୋଜାକ୍ସିଉ (Agnes Gonxha Bojaxhiu) । ୧୯୧୦

Digitized by srujanika@gmail.com

ମସିହା ଅଗଷ୍ଟ ୨୭ ତାରିଖରେ ଯୁଗୋସ୍ଲାଭିଆର ସ୍କୋପ୍‌ଜେଠାରେ ଏକ ଆଲ୍‌ବେନିଆନ୍‌ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ବାର ବର୍ଷ ବୟସରେ ସେ ତାଙ୍କ ଜୀବନ-ପନ୍ଥା ସମ୍ପର୍କରେ ଶେଷ ନିଷ୍ପତ୍ତି ନେଇଥିଲେ ଏବଂ ତଦନୁସାରେ ଅଠର ବର୍ଷ ବେଳକୁ ସେ ଜଣେ ସନ୍ନ୍ୟାସିନୀ (Nun) ରୂପେ କର୍ମକ୍ଷେତ୍ରରେ ଅବତୀର୍ଣ୍ଣା ହୋଇଥିଲେ । ଡବଲିନ୍‌ଠାରେ ଆବଶ୍ୟକ ତାଲିମ ଓ ଇଂରାଜୀ ଶିକ୍ଷା ଲାଭ କରିସାରି ସେ କଲିକତା ଆସିଥିଲେ । ତା ପୂର୍ବରୁ ମିଡ଼ଲଟନ୍‌ରେ କନ୍‌ଭେଣ୍ଟରେ ମଦର ଥିଲାବେଳେ ସେ ଦୁସ୍ଥ ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ଜନସେବା କ୍ଷେତ୍ର ପ୍ରତି ଆକୃଷ୍ଟ ହୋଇଥିଲେ ।

କଲିକତା ସେଣ୍ଟ ମେରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବରେ ତାଙ୍କର ଲକ୍ଷ୍ୟ ଥିଲା ତାଲିମପ୍ରାପ୍ତା ଅବିବାହିତା ସେବିକା-ମାନଙ୍କୁ ଶିକ୍ଷୟିତ୍ରୀ, ଆଚାର୍ଯ୍ୟା ଓ ଡାକ୍ତରଣୀ ରୂପେ ଗଢ଼ି ସମାଜର ସମୃଦ୍ଧ କଲ୍ୟାଣ ସାଧନ । ତାଙ୍କର ସେହି ମହାନ ଲକ୍ଷ୍ୟ ଅନେକ ପରିମାଣରେ ଫଳବତୀ ହୋଇଥିଲା । ପରେ ୧୯୪୮ ମସିହା ଡ଼ିସେମ୍ବର ୨୧ ତାରିଖରେ ସେ ପ୍ରଥମେ ବସ୍ତି ସଫେଇ କାର୍ଯ୍ୟ କ୍ଷେତ୍ରରେ ଅବତୀର୍ଣ୍ଣା ହୋଇ 'ବସ୍ତି ଅଞ୍ଚଳର ସେବାଦୂତୀ' ରୂପେ ଖ୍ୟାତି ଅର୍ଜନ କଲାପରେ କାଳକ୍ରମେ ସେ 'କରୁଣାର ଅବତାର' ରୂପେ ସମଗ୍ର ବିଶ୍ୱରେ ଅଖଣ୍ଡ ସମ୍ମାନର ଅଧିକାରିଣୀ ହୋଇ ପାରିଲେ । ପଚିଶ ବର୍ଷ ପୂର୍ବେ କଲିକତାର କେତେକ ନାଗରିକଙ୍କ ବ୍ୟତୀତ ମଦର ଟେରେସାଙ୍କୁ ଅନ୍ୟ କେହି ଜାଣି ନ ଥିଲେ, କିନ୍ତୁ ଆଜି କଲିକତାର ଶତକଡ଼ା ଦଶୁର ଜଣ ତାଙ୍କ ପ୍ରତି କୃତଜ୍ଞ । କେବଳ ସେତିକି ନୁହେଁ—ବମ୍ବେ, ପୁନା, ବିଦର୍ଭ, ଅମରାବତୀ, ଆସାନ୍‌ସୋଲ, ଆଗ୍ରା, ଟିଟାଗଡ଼, ପୁରୀ ପ୍ରଭୃତି ଅଞ୍ଚଳରେ ସେ ଆଜି ବିଶେଷ ସମ୍ମାନର ଅଧିକାରିଣୀ ହୋଇ ପାରିଛନ୍ତି ।

Digitized by srujanika@gmail.com

ମଦର ଟେରେସାଙ୍କ ନିଃସ୍ୱାର୍ଥପର ସେବା ଓ ମମତାଭରା ଶୁଶ୍ରୂଷା ପାଇଁ ତାଙ୍କ ପ୍ରତି ସମଗ୍ର ବିଶ୍ୱର ଦୃଷ୍ଟି ଆକୃଷ୍ଟ ହୋଇଛି ଏବଂ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦାନ କରାଯାଇଛି । ୧୯୬୨ ମସିହାରେ ତାଙ୍କୁ ଭାରତ ସରକାର 'ପଦ୍ମଶ୍ରୀ' ଉପାଧିରେ ଭୂଷିତା କଲେ ଏବଂ ସେହି ବର୍ଷ ସେ ଦଶ ହଜାର ଡଲାର (ପ୍ରାୟ ୭୫ ହଜାର ଟଙ୍କା) ମୂଲ୍ୟର 'ରାମନ୍ ମାଗାସେସି ଆୱାର୍ଡ଼' ପାଇଥିଲେ । ୧୯୬୪ରେ ଭାରତରେ ଯେତେବେଳେ ଆନ୍ତର୍ଜାତୀୟ ଖ୍ରୀଷ୍ଟୀୟ କଂଗ୍ରେସ ଅନୁଷ୍ଠିତ ହୋଇଥିଲା, ସେତେବେଳେ ପୋପ୍ ପଲ୍ (ଷଷ୍ଠ) ତାଙ୍କୁ ଗୋଟିଏ ମୂଲ୍ୟବାନ ମଟରଗାଡ଼ି ଉପହାର ଦେଇଥିଲେ । ପରେ ୧୯୭୧ ଜାନୁୟାରୀରେ ତାଙ୍କୁ "ପୋପ୍ ଜନ୍ ଶାନ୍ତି ପୁରସ୍କାର" ସ୍ୱରୂପ ୨୧, ୫୦୦ ଡଲାର (ପ୍ରାୟ ଏକ ଲକ୍ଷ ବାଷଠି ହଜାର ଟଙ୍କା) ପ୍ରଦାନ କରାଯାଇଥିଲା । ସେହି ବର୍ଷ ସେପ୍ଟେମ୍ବରରେ ତାଙ୍କୁ ଶ୍ରେଷ୍ଠ ସାମରୀୟ ପୁରସ୍କାର (Good Samaritan Award) ମିଳିଥିଲା ଓ ମାସକ ପରେ ଅକ୍ଟୋବରରେ "ଜୋସେଫ୍ କେନେଡ଼ି ଜୁନିୟର ଫାଉଣ୍ଡେସନ୍ ଆୱାର୍ଡ଼" ସ୍ୱରୂପ ତାଙ୍କୁ ପଚିଶ ହଜାର ପାଉଣ୍ଡ (ପ୍ରାୟ ଆଠ ଲକ୍ଷ ଟଙ୍କା) ପ୍ରଦତ୍ତ ହୋଇଥିଲା । ଏହା ପରବର୍ତ୍ତୀ ବର୍ଷ ମଦର ଟେରେସା ୩୪ ହଜାର ପାଉଣ୍ଡ (ପ୍ରାୟ ସାଢ଼େ ପାଞ୍ଚଲକ୍ଷ ଟଙ୍କା) ମୂଲ୍ୟର ବିଖ୍ୟାତ "ଟେମ୍ପଲଟନ୍ ଫାଉଣ୍ଡେସନ୍ ପୁରସ୍କାର" ପାଇଁ ସୁଯୋଗ୍ୟା ବିବେଚିତ ହୋଇଥିଲେ ।

ମଦର ଟେରେସା ବହୁ ମୂଲ୍ୟବାନ୍ ପୁରସ୍କାରର ଅଧିକାରିଣୀ ହେଲେହେଁ ଦାରିଦ୍ର୍ୟକୁ ଜୀବନର ବ୍ରତ ରୂପେ ଗ୍ରହଣ କରିଛନ୍ତି । କାରଣ, ସେ ହୃଦୟଙ୍ଗମ କରିଛନ୍ତି ଯେ ନିଃସ୍ୱ ଜନତାଙ୍କୁ ସ୍ନେହ ଓ ସେବା କରିବାକୁ ହେଲେ ନିଜକୁ ତାଙ୍କ ସ୍ତରକୁ ଖସାଇ ଆଣିବାକୁ

Digitized by srujanika@gmail.com

ପଡ଼ିବ । ତାଙ୍କ ଭାଷାରେ, "ଦାରିଦ୍ର୍ୟ ହିଁ ଆମର ଯୌତୁକ" । ତେଣୁ ଯେତେ ଅର୍ଥଦାନ ଓ ପୁରସ୍କାର ସେ ପାଇଛନ୍ତି, ସବୁ ଜନସେବାମୂଳକ ଯଜ୍ଞବେଦୀରେ ଜଳାଞ୍ଜଳି ଦେଇ ପକାଇଛନ୍ତି । ୧୯୬୨ର ମାଗାସାଯି ପୁରସ୍କାର ଅର୍ଥରେ ସେ ଆଗ୍ରାଠାରେ କୁଷ୍ଠାଶ୍ରମ ପ୍ରତିଷ୍ଠା କଲେ । ୧୯୭୧ର ଭେଟିକାନ୍ ପୁରସ୍କାର ମୂଲ୍ୟରେ ଏକ ଆଦର୍ଶ ଗ୍ରାମ ପ୍ରତିଷ୍ଠା କରିବାରେ ପ୍ରବୃତ୍ତ ହେଲେ, ଜୋସେଫ୍ କେନେଡ଼ି ଫାଉଣ୍ଡେସନ୍ ପୁରସ୍କାର ମୂଲ୍ୟରେ କଲିକତା ଦମ୍ ଦମ୍ ବିମାନଘାଟୀ ନିକଟରେ ପଙ୍ଗୁ, ଅଥର୍ବ ଓ ମାନସିକ ଦୁର୍ବଳ ଶିଶୁମାନଙ୍କ ପାଇଁ ଏକ ସେବା-ସଦନ ପ୍ରତିଷ୍ଠା କଲେ ।

ଏହି ଭଳି ବିଭିନ୍ନ ମାର୍ଗରେ ଜନସେବା କରିବାରେ ମଦର ଟେରେସାଙ୍କର ଆନନ୍ଦ । ସ୍ୱୟଂ ଯୀଶୁଙ୍କ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ । ମାନବ ସେବା ମାଧ୍ୟମରେ ଈଶ୍ୱର ସେବା କରିବା ଲାଗି ସେ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି । ଅନାଥ ଉଦ୍ଧାର, କୁଷ୍ଠ ରୋଗୀଙ୍କର ସେବା, ବସ୍ତି ଅଞ୍ଚଳରେ ବୁଭୁକ୍ଷିତ ଓ ଯକ୍ଷ୍ମାଦି ଭୟାନକ ବ୍ୟାଧିରେ ପ୍ରପୀଡ଼ିତ ଜନତାର ସେବାରେ ସେ ସତତ ଜଡ଼ିତ । ଅତି ପ୍ରତ୍ୟୁଷରୁ ଆରମ୍ଭ କରି ଅର୍ଦ୍ଧରାତ୍ରି ଯାଏ ତାଙ୍କ ସେବା କାର୍ଯ୍ୟରେ ବିରାମ ନ ଥାଏ ।

ଏହି ପାଶ୍ଚାତ୍ୟ ଭୂଖଣ୍ଡ ସମ୍ଭୂତା ମହୀୟସୀ ମହିଳା ଭାରତକୁ ନିଜର ଶ୍ରେଷ୍ଠ କର୍ମକ୍ଷେତ୍ର ରୂପେ ବାଛି ନେଇଛନ୍ତି, କାରଣ ଭାରତ ବ୍ୟତୀତ ଅନ୍ୟତ୍ର ସେବା କରିବା ଲାଗି ଏତେ ସୁଯୋଗ ମିଳିବା ସମ୍ଭାବନା କମ୍ । ସେ ପାଶ୍ଚାତ୍ୟ ପରିଧାନ ଛାଡ଼ି ଶାଢ଼ୀ ବ୍ୟବହାର କରୁଛନ୍ତି । ଭାରତ ସରକାରଙ୍କ ଦ୍ୱାରା ଅନୁମତି ଲବ୍ଧ ବିନା ମୂଲ୍ୟରେ ରେଳ ଓ ବ୍ୟୋମଯାନରେ ସାରା ଭାରତ ପରିଭ୍ରମଣ

Digitized by srujanika@gmail.com

କରୁଛନ୍ତି ନିଜର ଚରମ ଉଦ୍ଦେଶ୍ୟ ସାଧନ ଲକ୍ଷ୍ୟରେ । ପୋପ୍ ପଲ୍‌ଙ୍କ ଭାଷାରେ, "ତାଙ୍କର ସେବା ବୈଚିତ୍ର୍ୟର ଅଭିମୁଖ୍ୟ ହେଉଛି, ପରିତ୍ୟକ୍ତ ଶିଶୁ, ବୃଦ୍ଧ ଓ କୁଷ୍ଠରୋଗଗ୍ରସ୍ତ ବ୍ୟକ୍ତିମାନଙ୍କ ପ୍ରତି ବିଂଶାଧିକ ବର୍ଷ ଧରି ପ୍ରେମ ଓ ସହାନୁଭୂତି ପ୍ରଦର୍ଶନ ।" ସ୍ୱର୍ଗତ ନେହେରୁଙ୍କ ଭାଷାରେ ମଦର ଟେରେସା ଆଣିଛନ୍ତି ଭାରତର ଆତ୍ମିକ ଜାଗରଣ ଏବଂ ଅନ୍ୟ ଜଣେ ଗୁଣଗ୍ରାହୀ ସମାଲୋଚକଙ୍କ ଯଥାର୍ଥ ମତରେ ସେ ବିଶ୍ୱଚେତନାକୁ ଜାଗ୍ରତ କରିଛନ୍ତି ।

Digitized by srujanika@gmail.com

॥ ଦଶ ॥

ପବିତ୍ର ପାତିବ୍ରତ୍ୟର ପ୍ରତୀକ

ଲଳିତା ଶାସ୍ତ୍ରୀ

[୧୯୧୪—]

"ସନ ୧୯୨୮ ଠାରୁ ସନ ୧୯୪୬ ପର୍ଯ୍ୟନ୍ତ ସଂଘର୍ଷମୟ ଜୀବନର ଯେଉଁ ଆଭିମୁଖ୍ୟ ଥିଲା, ତାହା ଆଜିର ଆଭିମୁଖ୍ୟଠାରୁ ଢେର ଭିନ୍ନ । ଅଷ୍ଟାତର ସେହି ୧୮।୨୦ ବର୍ଷ ମଧ୍ୟରେ ଗରମ କପଡ଼ା ବୋଲି ମୋ ପାଖରେ ଦୁଇଖଣ୍ଡି ଚରମ ବ୍ଲାଉଜ ଥିଲା । ଖଣ୍ଡିଏ ମୋ ମା' ମୋତେ ଦେଇଥିଲେ, ଅନ୍ୟ ଖଣ୍ଡିକ ମୋତେ ରାମନଗରରେ ମିଳିଥିଲା । ଶାସ୍ତ୍ରୀଜୀଙ୍କ ପାଖରେ ଖଣ୍ଡିଏ ମାତ୍ର କୋଟ୍ ଥିଲା । ଶାସ୍ତ୍ରୀଜୀଙ୍କ ଚିରା କାମିଜକୁ କାଟି ମୁଁ ଗରମ ଓ ବର୍ଷା ସମୟରେ ପିନ୍ଧିବା ଭଳି ବ୍ଲାଉଜ ତିଆରି କରୁଥିଲି ଏବଂ ତାଙ୍କର ଚିରା ଧୋତି ଗୁଡ଼ିକୁ ଯୋଡ଼ି ସିଲାଇ କରି ମୁଁ ନିଜ ପିନ୍ଧିବା ଲାଗି ଲୁଗା ପ୍ରସ୍ତୁତ କରୁଥିଲି । ଏତେ ସବୁ ହୋଇଥିଲେ ହେଁ, ସେତେବେଳେ ଯେଉଁ ସୁଖ, ଶାନ୍ତି ମୁଁ ପାଉଥିଲି, ସେ ସୁଖ ଆଜି ଭାଗ୍ୟରେ କାହିଁ !"

ଏହା ହେଉଛି ଶାସ୍ତ୍ରୀଜୀଙ୍କ ପରକାଳରେ ଲଳିତା ଶାସ୍ତ୍ରୀଙ୍କ ଆଦ୍ୟ ଦାମ୍ପତ୍ୟ ଜୀବନର ସଂସ୍ମରଣ ବାଣୀ । ଏହା ତାଙ୍କର

Digitized by srujanika@gmail.com

ମାର୍ମିକ ଉକ୍ତି, ନିଚ୍ଛକ ଅନୁଭୂତି, ପବିତ୍ର ପାତିବ୍ରତ୍ୟର ଅମୂଲ୍ୟ ସମ୍ପତ୍ତି । ନିଜର ଅଖଣ୍ଡ ଈଶ୍ୱର ବିଶ୍ୱାସ ଓ ନିରୋଳା ପତିଭକ୍ତି ବଳରେ ଲଳିତାଜୀ ଅଭାବ, ଅସୁବିଧାଗ୍ରସ୍ତ ସାଂସାରିକ ଜୀବନକୁ ଯେପରି ସୁଖ, ଶାନ୍ତି ଓ ସୌଭାଗ୍ୟପୂର୍ଣ୍ଣ କରି ଗଢ଼ିଥିଲେ, ପ୍ରକୃତରେ ତାର ପଟାନ୍ତର ନାହିଁ ।

ପ୍ରତିଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗ ପୂର୍ବକ ଶୀତଳ ଜଳରେ ସ୍ନାନ କରି ଦେବୋପାସନା କରିବା ଥିଲା ତାଙ୍କର ଜୀବନର ଦୈନନ୍ଦିନ କର୍ମ । ତା ପରେ ସେ ପରିବାରଜନଙ୍କ ପାକ ପ୍ରସ୍ତୁତ କରୁଥିଲେ । କେହି ଅସୁସ୍ଥ ରହିଥିଲେ ତାଙ୍କ ସେବା ଶୁଶ୍ରୂଷା କରୁଥିଲେ । ଯଦି କୌଣସି ଅତିଥିଙ୍କର ସମାଗମ ଘଟୁଥିଲା, ଅସନ୍ଦିଗ୍ଧ ଚିତ୍ତରେ ସେମାନଙ୍କର ସତ୍କାର କରୁଥିଲେ । ତାଙ୍କ ଗୃହକୁ ଆସି କେହି ବିନା ଚର୍ଚ୍ଚାରେ ଫେରୁ ନ ଥିଲେ । ଏପରିକି ନିଜେ ଚଟାଣରେ ଶୋଇ ସେ ଅତିଥିମାନଙ୍କୁ ସମସ୍ତ ବିଛଣାପତ୍ର ଦେଇ ପକାଉଥିଲେ । ବନ୍ଧୁ ଚର୍ଚ୍ଚା ଓ ଅତିଥି ସତ୍କାରରେ ତାଙ୍କୁ ଆନନ୍ଦ ମିଳୁଥିଲା ।

କୌଣସି ଦିନ ସ୍ୱାମୀ-ଦେବତାଙ୍କ ଭୋଜନ ପୂର୍ବରୁ ସେ ଅନ୍ନଜଳ ସ୍ପର୍ଶ କରିବା ପ୍ରଶ୍ନ ଉଠୁ ନ ଥିଲା । ଯେଉଁଦିନ-ମାନଙ୍କରେ ସେ ଅନ୍ୟାନ୍ୟ ସ୍ଥାନକୁ ଯାଉଥିଲେ, ସେହି ସ୍ଥାନରେ ପହଞ୍ଚି ଖବର ନ ପଠାଇବା ପର୍ଯ୍ୟନ୍ତ ସେ କୌଣସି ଜିନିଷ ତୁଣ୍ଡରେ ଦେଉ ନ ଥିଲେ । ଶାସ୍ତ୍ରୀଜୀ ଫେରିବାକୁ ଯଦି କେବେ ବେଶୀ ଡେରି ହୁଏ, ସେ ଆଖିରେ ସୋରିଷ ତେଲ ମାଖି ଚେଇଁ ରହୁଥିଲେ । ଶାସ୍ତ୍ରୀଜୀ ଅସୁସ୍ଥ ହେଲେ ଔଷଧପତ୍ର ଉପରେ ବିଶେଷ ଗୁରୁତ୍ୱ ନ ଦେଇ ସେ ଦେବତା ଆରାଧନା ଉପରେ ଅଧିକ

Digitized by srujanika@gmail.com

ବିଶ୍ୱାସ ରଖିଥିଲେ । ତାଙ୍କ ମତରେ ପ୍ରାର୍ଥନା ଦ୍ୱାରା ଯାହା ହାସଲ କରିହେବ, ଅନ୍ୟ କୌଣସି ଉପାୟରେ ତାହା ଅର୍ଜନ କରିହେବ ନାହିଁ ।

ବାସ୍ତବିକ୍ ଲଳିତାଙ୍କ ଈଶ୍ୱର ବିଶ୍ୱାସ ଅସାଧାରଣ । ସେ ଅତି ବାଲ୍ୟ କାଳରୁ ଦେବୋପାସନା ପ୍ରତି ଅନୁରକ୍ତା ହୋଇଥିଲେ । ତାଙ୍କୁ ଯେତେବେଳେ ୧୩ ବର୍ଷ ବୟସ ହୋଇଥିଲା, ସେତେ-ବେଳେ ନିଜର ଶିବୋପାସନା ପିପାସା ମେଣ୍ଟାଇ ନ ପାରି ସେ ଗାଁ ମନ୍ଦିରରୁ ଗୋଟିଏ ଶିବମୂର୍ତ୍ତି ଲୁଚାଇ ନେଇ ଆସିଥିଲେ । ସେହି ସମୟରୁ ଈଶ୍ୱରଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ଜନ୍ମିଥିଲା । ତାର ଗୋଟିଏ ଦୃଷ୍ଟାନ୍ତ ନିମ୍ନରେ ପ୍ରଦତ୍ତ ହେଲା ।

ଏହା ଲଳିତାଙ୍କ କୈଶୋରର କଥା । ସେତେବେଳେ ତାଙ୍କର ବିବାହ ପ୍ରସଙ୍ଗ ଦୁଇ, ତିନି ଜାଗାରେ ପଡ଼ିଥିଲା । ତାଙ୍କର ମା ଓ ଭାଇ ଠିକ୍ କରିଥିଲେ ଯେ କେଉଁଠି ନ ହେଲେ, ଶାସ୍ତ୍ରୀଙ୍କ ସହ ପ୍ରସ୍ତାବ ପକାଇବେ । ସେହି ସମୟରେ ଦିନେ ରାତିରେ ଲଳିତା ସ୍ୱପ୍ନରେ ଦେଖିଲେ ଯେ ଶାସ୍ତ୍ରୀଙ୍କ ସହ ପୁଷ୍ପମାଲ୍ୟ ବିନିମୟ କରି ସ୍ୱେଚ୍ଛାବରଣ କରିଛନ୍ତି । ସେତେବେଳେ ସେ ଅନୁଭବ କରିଥିଲେ ଯେ ତାଙ୍କର ଶାସ୍ତ୍ରୀଙ୍କୁ ହିଁ ବିବାହ କରିବା ଉଚିତ । ତେବେ, ମା ଓ ଭାଇ ଅନ୍ୟତ୍ର ପ୍ରସ୍ତାବ ପକାଇବାର ଚେଷ୍ଟା କରୁଥିଲେ । ତେଣୁ ସେହି ସମୟରେ ସେ ପ୍ରତିଦିନ ଶଙ୍କରଙ୍କୁ ପ୍ରାର୍ଥନା କରୁଥିଲେ ଯେ ସେ ପ୍ରସନ୍ନ ହୋଇ ତାଙ୍କ ଭାଇଙ୍କ ମନ ବଦଳାଇ ଦିଅନ୍ତୁ ଓ ସେ ଅନ୍ୟତ୍ର ପାତ୍ର ଖୋଜା ବନ୍ଦ କରି ଶାସ୍ତ୍ରୀଙ୍କୁ ଠିକ୍ କରନ୍ତୁ ।

Digitized by srujanika@gmail.com

ସେହି ସମୟରୁ ସେ ଶାଳଗ୍ରାମ ପୂଜା କରୁଥିଲେ । ତାଙ୍କ ଭାଇ ବରପାତ୍ର ଅନୁସନ୍ଧାନରେ କୁଆଡ଼େ ବାହାରିଲେ ସେ ଶାଳଗ୍ରାମ ପ୍ରତିମାକୁ ପାଣିରେ ବୁଡ଼ାଇ ରଖି କହୁଥିଲେ, "ତୁମେ ମୋତେ ବୁଡ଼ାଇବାକୁ ଚେଷ୍ଟା କରୁଛ, ମୁଁ ମଧ୍ୟ ତୁମକୁ ବୁଡ଼ାଇ ରଖିବି ।" ପରେ ଭାଇ ଫେରିଆସି ପାତ୍ର ଠିକ୍ ହୋଇ ନଥିବାର କହିଲେ, ସେ ପାଣିରୁ ଶାଳଗ୍ରାମ ପ୍ରତିମାକୁ ବାହାର କରି କୃତଜ୍ଞତା ଜଣାଇ ବାରମ୍ବାର ପ୍ରଣାମ କରନ୍ତି । ଶେଷରେ ଶାସ୍ତ୍ରୀଜୀଙ୍କ ସହିତ ତାଙ୍କର ବିବାହ ନିଷ୍ପତ୍ତି ହେବାରୁ ସେ ଭାବିଥିଲେ, ତାଙ୍କର ପ୍ରାର୍ଥନା ସଫଳ ହେଲା । ତାଙ୍କ ଆନନ୍ଦର ସୀମା ରହି ନଥିଲା । ସେ ପୂଜାଘରକୁ ଯାଇ ଶାଳଗ୍ରାମଙ୍କୁ ବିନମ୍ର ପ୍ରଣତି ଜଣାଇ-ଥିଲେ ।

୧୯୨୮ ମସିହା ମଇ ୧୬ ତାରିଖରେ ଶାସ୍ତ୍ରୀଙ୍କ ସହିତ ଲଳିତାଙ୍କ ବିବାହ ବୈଦିକ ରୀତିରେ ଅନୁଷ୍ଠିତ ହୋଇଥିଲା । ସେତେବେଳକୁ ତାଙ୍କର ବୟସ ଥିଲା ମାତ୍ର ୧୪ ବର୍ଷ । ଏହି ହିସାବରୁ ସେ ୧୯୧୪ ମସିହାରେ ଜନ୍ମ ହୋଇଥିବା ଜଣାଯାଏ, ଅନ୍ୟ କୌଣସି ସୂତ୍ରରୁ ତାଙ୍କର ସଠିକ୍ ଜନ୍ମଦିନ ଜଣାଯାଏ ନାହିଁ । ସେ ଥିଲେ ଶାସ୍ତ୍ରୀଙ୍କଠାରୁ ବୟସରେ ୧୦ ବର୍ଷ ସାନ ।

ମିର୍ଜାପୁରର ଚେତଗଞ୍ଜ ମହଲାରେ ଲଳିତାଙ୍କ ଜନ୍ମ । ତାଙ୍କ ବାପା ଗଣେଶପ୍ରସାଦ ପ୍ରଥମେ ଚନାରଗଡ଼, ପରେ ବନାରସ ଓ ଶେଷରେ ଗୋରଖପୁରଠାରେ ସରକାରୀ ସିରସ୍ତାରେ କାର୍ଯ୍ୟ କରୁଥିଲେ । ହୋଲି, ଦଶହରା ପ୍ରଭୃତି ପର୍ବଦିନମାନଙ୍କରେ କେବଳ ସେ ଘରକୁ ଆସୁଥିଲେ । ସେ ବଡ଼ ଉଦାର ଓ ଦୟାଳୁ ଥିଲେ । ଗାଁକୁ ଆସିଲେ ଗାଁଆର ଗରିବ ଲୋକମାନଙ୍କର ଅଭାବ ଅସୁବିଧା କଥା ସେ ବରାବର ବୁଝୁଥିଲେ ଏବଂ ଆବଶ୍ୟକ

Digitized by srujanika@gmail.com

କ୍ଷେତ୍ରରେ ନିତାନ୍ତ ଅଭାବୀଜନଙ୍କୁ ଯଥାଶକ୍ତି ଚାଉଳ, ଗହମ, ଲୁଗାପଟା ଓ ଅର୍ଥ ସାହାଯ୍ୟ କରୁଥିଲେ । ଲଳିତାଙ୍କ ମାତା କୌଶଲ୍ୟା ଦେବୀ ଗଣେଶପ୍ରସାଦଙ୍କ ଏତାଦୃଶ କାର୍ଯ୍ୟରେ ବିରକ୍ତି ପ୍ରକାଶ କରୁଥିଲେ ସିନା, ଶିଶୁକନ୍ୟା ଲଳିତା ପିତାଙ୍କର ପକ୍ଷ ସମର୍ଥିକା ଥିଲେ । କା' ଘରେ ଚୁଲ୍ଲୀ ଜଳୁନି ବୋଲି ଜାଣିଲେ ମା, ଭଉଜଙ୍କୁ ଲୁଚାଇ ସେ ଅଟା, ଚାଉଳ ନେଇ ଦେଇଆସୁଥିଲେ । ବାପାଙ୍କର ଉଦାରତା ଓ ବଦାନ୍ୟତା ତାଙ୍କୁ ବେଶ୍ ପ୍ରଭାବିତ କରିଥିଲା । ପରବର୍ତ୍ତୀ ଜୀବନରେ ସେ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି, "ମୁଁ ଜାଣେନି, କେମିତି କେଜାଣି, ବାପାଙ୍କ ଚିନ୍ତା-ଧାରାର ପ୍ରକାଶ ମୋଠାରେ ସମ୍ଭବ ହୋଇଥିଲା ।"

ଲଳିତା ଦେବୀ ଥିଲେ ଗଣେଶ ପ୍ରସାଦଙ୍କ ପରିବାରର କନିଷ୍ଠ-ତମା କନ୍ୟା । ତାଙ୍କ ଉପରେ ଚାରି ଭାଇ (ସରଜୂ ପ୍ରସାଦ, ଅମ୍ବିକା ପ୍ରସାଦ, ଚଣ୍ଡିକା ପ୍ରସାଦ, ବ୍ରଜବିହାରୀ) ଓ ଦୁଇ ଭଉଣୀ (ଜଗଦମ୍ବା, କୃଷ୍ଣନନ୍ଦିନୀ) ଥିଲେ । କୋଳପୋଛା ଝିଅ ହୋଇ-ଥିବାରୁ ଘରେ ତାଙ୍କୁ ସମସ୍ତେ ବେଶୀ ସ୍ନେହ କରୁଥିଲେ । ତଥାପି ସେ କୌଣସି ପଦାର୍ଥ ପାଇଁ ଅଡ଼ି ବସୁ ନ ଥିଲେ, କି ଅଝଟ କରୁ ନଥିଲେ । ଏପରି କି ଘରକୁ ଲୁଗାପଟା ଆସିଲେ ସେ କେବେ ଆଗତୁରା ଆସି ବାଛି ନେଉ ନଥିଲେ । ଶେଷକୁ ଯାହା ବଳିପଡ଼େ ସେ ସେଇଟାକୁ ଆଦରି ନେଉଥିଲେ ।

ଲଳିତାଙ୍କ ବାଲ୍ୟକାଳର ଡାକ ନାମ ଥିଲା ଲଲମଣି । ଯେଉଁ ବର୍ଷ ଲଲମଣିଙ୍କର ଗାଁ ଚାହାଳୀରେ ନାଁ ଲେଖା ହେଲା, ସେହି ବର୍ଷ ତାଙ୍କ ପିତାଙ୍କର ପରଲୋକ ଘଟିଥିଲା । ପିତାଙ୍କର ପରଲୋକ ପରେ ଝିଅ ପିଲାକୁ ସ୍କୁଲରେ ପଢ଼ାଇବା ଅନୁଚିତ ବୋଲି

Digitized by srujanika@gmail.com

ତାଙ୍କ ମା ଆଉ ତାଙ୍କୁ ସ୍କୁଲକୁ ଛାଡ଼ୁ ନଥିଲେ । ଏପରିଭାବେ ଛ ବର୍ଷ ବୟସରୁ ହିଁ ତାଙ୍କର ସ୍କୁଲ ପଢ଼ା ବନ୍ଦ ହୋଇଯାଇଥିଲା ।

ଲଳିତାଙ୍କର ସ୍କୁଲ ପଢ଼ା ସିନା ବନ୍ଦ ହୋଇଯାଇଥିଲା, ତାଙ୍କ ଜ୍ଞାନ ପିପାସା ପ୍ରବଳ ଥିଲା । ନିଜ ଘରେ ନିଜ ଉଦ୍ୟମରେ ସେ କିଞ୍ଚିତ ବିଦ୍ୟା ଆହରଣ କରିଥିଲେ ଯାହା ପୁରାଣ ପଢ଼ିବା, ଚିଠି ଲେଖିବା ଇତ୍ୟାଦି ସାଧାରଣରେ ଚଳିବା ପାଇଁ ଯଥେଷ୍ଟ ଥିଲା । କିନ୍ତୁ ବିବାହ ପରେ ଶାସ୍ତ୍ରୀଜୀଙ୍କ ସମ୍ମାନକୁ ଜଗି ସେ ଅଧିକ ଜ୍ଞାନ ଅର୍ଜନ ପାଇଁ ଚେଷ୍ଟିତ ହୋଇଥିଲେ । କସ୍ତୁରବା ନିଜେ ଛାତ୍ରୀ ହେବାକୁ ପ୍ରସ୍ତୁତ ନଥିଲା ବେଳେ ଗାନ୍ଧିଜୀ ଶିକ୍ଷକ ହେବାକୁ ସିନା ଚେଷ୍ଟା କରିଥିଲେ, ଲଳିତା ଶାସ୍ତ୍ରୀ ଲାଲବାହାଦୁରଙ୍କ ନିବର୍ତ୍ତିନା ସତ୍ତ୍ୱେ ବିଦ୍ୟାର୍ଥିନୀ ସାଜିଥିଲେ ।

ସେବା ପରାୟଣା ଗୃହିଣୀ ରୂପେ ତାଙ୍କର କାମଧନ୍ଦା କମ୍ ନ ଥିଲା । ଘର ଝାଡ଼ୁ, ଘର ଧୂଆ, ଆଠ ନଅ ଜଣିଆ ପରିବାରଜନଙ୍କ ପାଇଁ ରୋଷେଇ କରିବା, ଲୁଗାପଟା ସଫା କରିବା, ପିଲାଙ୍କର ଝାଡ଼ାପରିସ୍ରା ସଫା କରିବା, ରାତିରେ ଖାଇ ସାରିଲେ ପରେ ଶାଶୁଙ୍କୁ ରାମାୟଣ ପଢ଼ି ଶୁଣାଇବା, ତାଙ୍କର ଏବଂ ବଡ଼ ନଣନ୍ଦଙ୍କର ଗୋଡ଼ ଘଷିବା ଇତ୍ୟାଦି ତାଙ୍କର ଦୈନନ୍ଦିନ କାର୍ଯ୍ୟ ଥିଲା । ଏହା ସତ୍ତ୍ୱେ, ସମସ୍ତ କାମ ସାରି ରାତି ବାରଟା ପରେ ସେ ହିନ୍ଦୀ ଶିକ୍ଷା କରୁଥିଲେ । କିଛି ସମୟ ପାଇଁ ଜଣେ ଘରୋଇ ଶିକ୍ଷୟିତ୍ରୀ ମଧ୍ୟ ନିଯୁକ୍ତ କରିଥିଲେ ଏବଂ ବାସନ ମାଜିବା ପାଇଁ ଦିଆଯାଉଥିବା ଟଙ୍କାକୁ ଟିଉସନଫିସ୍ ବାବଦରେ ବ୍ୟୟ କରି ନିଜେ ବାସନ ମାଜିବା କାମ ମଧ୍ୟ ସମ୍ଭାଳି ନେଇଥିଲେ । ତାଙ୍କର ପରିଶ୍ରମ ଦେଖି ନ ପାରି ଶାସ୍ତ୍ରୀଜୀ ଥରେ କହିଥିଲେ—"ଅଚ୍ଛା ପାଠ

Digitized by srujanika@gmail.com

ପଡ଼ିଲ ତୁମେ, ତୁମପାଇଁ ସିନା ଏହା କେବଳ ଶାରୀରିକ କଷ୍ଟ ହେଉଛି, ମୋର ତ ମାନସିକ କଷ୍ଟ ବଢ଼ିଲଣି । ଟିକିଏ ସ୍ୱାସ୍ଥ୍ୟ-ପ୍ରତି ଦୃଷ୍ଟି ଦିଅ ।'' ତାଙ୍କ ଉତ୍ତରରେ ଲଳିତା କହିଥିଲେ, 'ସେ କଥାତ ସତ, କିନ୍ତୁ ପଢ଼ିବା ତ ନିତାନ୍ତ ଆବଶ୍ୟକ । ଅନ୍ତ କମ୍‌ରେ ଟିକିଏ ଲେଖାଲେଖି ଓ କଥା କହିବାର ଢଙ୍ଗ ଜାଣିଥିବା ଦରକାର । ନଚେତ୍ ଆପଣ ହିଁ ଉପହସିତ ହେବେ ।' *

ଏହିପରି ନିଜ ଉଦ୍ୟମରେ ଲଳିତା ଦେବୀ ଯଥେଷ୍ଟ ଜ୍ଞାନ ଆହରଣ କରିପାରିଥିଲେ । ସିଏ ପ୍ରଥମେ ଶାଢ଼ୀ ପିନ୍ଧି ଜାଣି ନ ଥିଲେ ଓ ଝିଅମାନେ ତାଙ୍କୁ ଶିଖାଉଥିଲେ ଏବଂ ଗୁରିପାଞ୍ଚ ଥର ଚେଷ୍ଟା କରି ସେ ରୁଚି ଅନୁଯାୟୀ ପିନ୍ଧୁଥିଲେ, ସେହି ଲଳିତା ଶ୍ରୀମତୀ କୋସିଜାନ୍, ଶ୍ରୀମତୀ ବାଉଲସ୍ (ଚେଷ୍ଟାର ବାଉଲ୍‌ସଙ୍କ ପତ୍ନୀ)ଙ୍କ ଭଳି ବିଦେଶିନୀ ମହିଳାଙ୍କ ଆନ୍ତରିକ ବନ୍ଧୁତା ଅର୍ଜନ କରିପାରିଲେ । ନିଜେ ଅନେକ ଭଜନ ରଚନା କରି ରଖି ଦେଇ ଗଲେ । ଏପରି କି ଶାସ୍ତ୍ରୀଙ୍କ ସମ୍ପର୍କୀୟ ଶ୍ରେଷ୍ଠ ସ୍ମରଣ ଗ୍ରନ୍ଥ 'ମୋ ପତି, ମୋ ଦେବତା' ପରିବେଷଣ କରି ପାରିଲେ ।

ତାଙ୍କ ପାଇଁ ପତି ହିଁ ଥିଲେ ଜୀବନର ସର୍ବସ୍ୱ, ଇହ ପରକାଳର ମୁକ୍ତିଦାତା, ପରିତ୍ରାଣକର୍ତ୍ତା । ସ୍ୱାମୀ କହିବା କଥାରୁ ସେ ତଳେ ହେଲେ ଟଳୁ ନଥିଲେ । ଲାଲବାହାଦୁରଙ୍କର ଜଣେ ସମ୍ପର୍କୀୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବାକୁ ଯାଇ ସେ ନିଜର ସବୁ ଅଳଙ୍କାର ବିକି ଦେଇଥିଲେ । ବିଦେଶୀ ପଦାର୍ଥ ବର୍ଜନ ଆନ୍ଦୋଳନ ବେଳେ ସ୍ୱାମୀ କହିବା ଅନୁସାରେ ସେ ନିଜର

---

* ଶ୍ରୀ ନୀଳମଣି ମିଶ୍ରଙ୍କ ଅନୁବାଦିତ "ମୋ ପତି, ମୋ ଦେବତା'' ପୁସ୍ତକର ପୃ:୬୭ରୁ ଉଦ୍ଧୃତ ।

Digitized by srujanika@gmail.com

ଚଢ଼ଉଗୁଡ଼ିକ ଭାଙ୍ଗି ଦେବାପାଇଁ କୁଣ୍ଠିତ ହୋଇ ନଥିଲେ । ବିବାହ ବେଳେ ଶିଳପୁଆ ଟାଣିବା ସମୟରୁ ଆରମ୍ଭ କରି ଦାମ୍ପତ୍ୟ ଜୀବନର ଶେଷକାଳ ପର୍ଯ୍ୟନ୍ତ ସ୍ଵାମୀଙ୍କର ବିଜୟ ହିଁ ନିଜର ବିଜୟ ମଣୁଥିଲେ । ତାଙ୍କ ନିଜ ଭାଷାରେ ପ୍ରକାଶ କଲେ, 'ମୁଁ ସାରା ଜୀବନ ସ୍ଵାମୀଙ୍କ ଠାରେ ପରାଜୟରେ ହିଁ ନିଜର ବିଜୟ ମଣୁଥିଲି ଏବଂ ମୋର ଅନୁମାନ, ପ୍ରତ୍ୟେକ ନାରୀକୁ ଏହି ପରାଜୟରେ ହିଁ ସୁଖ ଓ ଶାନ୍ତି ମିଳେ ।' ଶାସ୍ତ୍ରୀଜୀଙ୍କ ମୃତ୍ୟୁ ପରେ ନିଜ ସମ୍ପର୍କରେ ତାଙ୍କର ଉକ୍ତି ଅତ୍ୟନ୍ତ ମର୍ମସ୍ପର୍ଶୀ । 'ପତିବିହୀନା ପତ୍ନୀର ପ୍ରାଣ ରହିବା ନ ରହିବା ସମାନ । ତାର ପ୍ରାଣ ଥିଲେ ମଧ୍ୟ ସେ ପ୍ରାଣହୀନା ପ୍ରାଣୀ । ଯଦି ସ୍ତ୍ରୀର ସ୍ଵାମୀ ନାହିଁ, ତା'ହେଲେ ଅଉ ତାର ଅଛି କଣ ? ତା ଦୃଷ୍ଟିରେ ସମଗ୍ର ବିଶ୍ୱ ଶୂନ୍ୟ ।' ★

ଶାସ୍ତ୍ରୀଜୀଙ୍କର ଅଭିଳାସ ଥିଲା ଶେଷ ଜୀବନରେ ସେ ଗୋଟିଏ ଆଶ୍ରମ ଖୋଲିବେ ଓ କେତେଖଣ୍ଡି ବହି ଲେଖିବେ । ଶ୍ରୀମତୀ ଲଳିତା ଶାସ୍ତ୍ରୀ ତାଙ୍କର ସେ ଇଚ୍ଛା ମଧ୍ୟ ପୂରଣ କରି ଦେଇଛନ୍ତି । ମାଣ୍ଡାର ରାଜାସାହେବ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ସାହାଯ୍ୟରେ ସେ ପ୍ରସିଦ୍ଧ 'ଶାସ୍ତ୍ରୀ ସେବା ନିକେତନ' ପ୍ରତିଷ୍ଠା କରାଇଛନ୍ତି ଏବଂ ଶାସ୍ତ୍ରୀଙ୍କ ଜୀବନୀ ସମ୍ପର୍କରେ ନିଜର ସଂସ୍ମରଣ ଗ୍ରନ୍ଥ "ମୋ ପତି, ମୋ ଦେବତା" ପ୍ରକାଶ କରାଇଛନ୍ତି ।

ସଂକ୍ଷେପରେ ପ୍ରକାଶ କଲେ, "ସେ ଜଣେ ଭାରତୀୟ ନାରୀତ୍ୱର ଆଦର୍ଶ ପ୍ରତୀକ । ଦେବପୂଜା, ପତିସେବା, ଗୃହକର୍ମ ସମ୍ପାଦନା, ବନ୍ଧୁ ସତ୍କାର, ଦୟା, କ୍ଷମା, ସାହସିକତା ଓ ସମ୍ବେଦନଶୀଳତା ତାଙ୍କର ଲକ୍ଷଣୀୟ ବିଭବ । ଖାଦୀ ଶାଢ଼ୀ

★ ଶ୍ରୀ ନୀଳମଣି ମିଶ୍ରଙ୍କ ଅନୁବାଦିତ 'ମୋ ପତି, ମୋ ଦେବତା' ପୁସ୍ତକର ପୃ ୧୫୧ ରୁ ଉଦ୍ଧୃତ ।

Digitized by srujanika@gmail.com

ତାଙ୍କର ପରିଧେୟ । ରନ୍ଧନ କ୍ରିୟା ଥିଲା ତାଙ୍କର ପ୍ରଧାନ ବିନୋଦନ; ଦେବପୂଜା, ଦୈନନ୍ଦିନ ପ୍ରାତଃକର୍ମ, ପତିସେବା ଧର୍ମ ଓ ଅତିଥି ସତ୍କାର ଚରମ କର୍ତ୍ତବ୍ୟ ।······ଶ୍ରୀମତୀ ଶାସ୍ତ୍ରୀ ଜଣେ ସରଳ, ନିଷ୍କପଟ ନିରଡ଼ମ୍ବର ଓ ଅମାୟିକ ପ୍ରକୃତିର ମହିଳା । ତାଙ୍କର ମଧୁର ଭାଷା ଓ ସରଳ ବ୍ୟବହାରରେ ସମସ୍ତେ ବିମୁଗ୍ଧ ।'' *

ଆଧୁନିକ ଯୁଗରେ ଲଳିତାଙ୍କ ଭଳି ପତିପ୍ରାଣା ଓ ସେବା ପରାୟଣା ମହିଳା ବିରଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ଅଭାବରେ ବିଚଳିତା ନଥିଲେ, କି ସମ୍ଭୋଗବେଳେ ଆତ୍ମବିଭୋର ହୋଇ ପଡ଼ି ନଥିଲେ । ପ୍ରଧାନମନ୍ତ୍ରୀଙ୍କର ପତ୍ନୀ ରୂପେ ଅସାମାନ୍ୟ ସମ୍ମାନର ଅଧିକାରିଣୀ ହେଲେ ମଧ୍ୟ ତିଳେ ମାତ୍ର ଗର୍ବ ଅହଙ୍କାର ତାଙ୍କୁ ସ୍ପର୍ଶ କରି ନଥିଲା । ପତିସେବା ଥିଲା ତାଙ୍କର ଶ୍ରେଷ୍ଠଧର୍ମ । ପବିତ୍ର ପତିବ୍ରତାର ପ୍ରତୀକ ସେ । ସେବାଧର୍ମ ତାଙ୍କ ଜୀବନର ବ୍ରତ, ଜୀବନର ଲକ୍ଷ୍ୟ ଓ ଜୀବନର ସନ୍ଦେଶ ।

—o—

* ଏହି ଲେଖକଙ୍କର ''ଯୁଗଜ୍ୟୋତି ଲାଲବାହାଦୁର ଶାସ୍ତ୍ରୀ'' (ଦ୍ୱିତୀୟ ସଂସ୍କରଣ) ·ପୁସ୍ତକର ପୃଷ୍ଠା-୬୩ ଓ ୬୪ ର ଉଦ୍ଧୃତାଂଶ ।

Digitized by srujanika@gmail.com

"ନାରୀ ପ୍ରତିଭା"ର ପରବର୍ତ୍ତୀ ଖଣ୍ଡମାନଙ୍କରେ ପ୍ରକାଶ ପାଇବ—

୨ୟ ଖଣ୍ଡ—ଜନ ଆର୍କ, ଇନ୍ଦିରାଗାନ୍ଧୀ, ଗୋଲଡ଼ାମେୟର ପ୍ରମୁଖ ୧୦ ଜଣ ପ୍ରଶାସିକା ଓ ଦେଶସେବିକାଙ୍କ ଜୀବନୀ ।

୩ୟ ଖଣ୍ଡ—ମ୍ୟାଡ଼ାମକ୍ୟୁରୀ, ଭେଲେଣ୍ଟିନା ଟେରେସ୍କୋଭା, ଦୁର୍ଗାବାଈ ପ୍ରମୁଖ ଯୁଦ୍ଧ ଓ ବିଜ୍ଞାନ କ୍ଷେତ୍ରର ଦଶଜଣ ସୁନାମଧନ୍ୟା ରମଣୀଙ୍କ ଜୀବନୀ ।

୪ର୍ଥ ଖଣ୍ଡ—ପର୍ଲବାକ, ଜେନ ଅଷ୍ଟିନ ପ୍ରମୁଖ ଦଶଜଣ ନାରୀ ଲେଖିକାଙ୍କ ଜୀବନୀ ।

୫ମ ଖଣ୍ଡ—ସୋଫିଆ ଲରେନ, ଶୁଭଲକ୍ଷ୍ମୀ ପ୍ରମୁଖ ଦଶଜଣ ସଙ୍ଗୀତ ଓ ଅଭିନୟ କଳାନିପୁଣା ନାରୀଙ୍କର ଜୀବନୀ ।

—୦—

Digitized by srujanika@gmail.com